


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 December 2024 Vol.No. 35 ■ No.343 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



DADLS-70





## 'ପବିତ୍ର ବଡ଼ଦିନ' ଅବସରରେ
## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ରଘୁବର ଦାସ)

OIPR : 15001/13/0328/2425

DADLS-70

ଓଡ଼ିଶା ସରକାର





## ବଡ଼ଦିନ ଉପଲକ୍ଷେ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏକ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0328/2425

DADLS-68





## ମହାନ ଆତ୍ମାଙ୍କୁ ସଶ୍ରଦ୍ଧ ସମ୍ମାନ
### ସୁଶାସନ ପାଇଁ ପ୍ରତିବଦ୍ଧତା

## ସୁଶାସନ ଦିବସ ଅବସରରେ
ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଶାସନିକ ଉତ୍କର୍ଷର ସ୍ଥପତି
## ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ
ଓଡ଼ିଶା ସରକାରଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

OIPR : 15001/13/0331/2425

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଛୁଇଁଥିଲା ବିକାଶର ନୂଆ ଦିଗନ୍ତ । ଭୁବନେଶ୍ୱରରେ ଏମ୍ସ୍ (AIIMS) ପ୍ରତିଷ୍ଠା; ପାରାଦୀପଠାରେ ବାର୍ଷିକ ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାର ପ୍ରତିଷ୍ଠା; ପୂର୍ବ ତଟ ରେଳପଥ ଡିଭିଜନ ସୃଷ୍ଟି ଏବଂ ଭୁବନେଶ୍ୱରଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ସ୍ୱର୍ଣ୍ଣ ଚତୁର୍ଭୁଜ ସଂଯୋଗୀକରଣ ଯୋଜନାରେ ୪୦୦ କିଲୋମିଟର ସୁଦୃଶ୍ୟ ଓ ସର୍ବୋତ୍ତମ ମାନର ରାଜପଥ ନିର୍ମାଣ ଏବଂ ସଂଯୋଗ ବିହୀନ ତଥା ଅପହଞ୍ଚ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୮,୦୦୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ଓଡ଼ିଶାର ପ୍ରଗତିରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବର ଦ୍ୱିତୀୟ ଦିନରେ ଝୁମିଲେ ଦର୍ଶକ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ୨୦୨୪ର ଦ୍ୱିତୀୟ ଦିନରେ ଦେଖିବାକୁ ମିଳିଥିଲା ଚଉଷଠି ଯୋଗିନୀ ମନ୍ଦିର ଉପରେ ଆଲୋଚନାଚକ୍ର ସହିତ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ । ଅପରାହ୍ନରେ ଚଉଷଠୀ ଯୋଗିନୀ ମନ୍ଦିରର ବହୁମୁଖୀ ଉତ୍ତରାଧିକାରୀ ବିଷୟରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା ଯେଉଁଥିରେ ଡ଼କ୍ଟର ଆଦ୍ୟାଶା ଦାସ, ଅନିଲ ଧର, ଶଙ୍କର ନାରାୟଣ ମଲ୍ଲିକ, ଶ୍ରୀମତୀ ଏସ୍. ପ୍ରଧାନ ଏବଂ ଶ୍ରୀମତୀ ପ୍ରତିଭା ପଣ୍ଡା ଅଂଶ ଗ୍ରହଣ କରିଥିଲେ । ଦ୍ୱିତୀୟ ସଂଧାର ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ; ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର; ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଆର୍ଟ ଭିଜନ୍‌ର ସମ୍ପାଦିକା ଡ଼କ୍ଟର ଇଲିଆନା ଚିତାରିଷ୍ଟ; ଏମ୍.ଏସ୍.ଏମ୍.ଇ ପ୍ରମୋସନ କାଉନସିଲ୍ ଅଫ୍ ଇଣ୍ଡିଆର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ସତ୍ୟପ୍ରିୟ ବେହେରା; ସମାଜ ଡ଼ିଜିଟାଲ୍ ମିଡ଼ିଆର ସମ୍ପାଦକ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ମହାପାତ୍ର; ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଉଷଠି ଯୋଗିନୀ ନାଟ୍ୟ ସମ୍ମାନ ୨୦୨୪ ସୁନାମଧନ୍ୟ ନାୟିକା ଶ୍ରୀମତୀ ତ୍ରିପୁରା ମିଶ୍ରଙ୍କୁ ଏବଂ ଚଉଷଠି ଯୋଗିନୀ ସୁରେଶ ବଳବନ୍ତରାୟ ସମ୍ମାନ ୨୦୨୪ ବିଶିଷ୍ଟ କବି ଡ଼କ୍ଟର ଫନି ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ଅଭିରାମ ନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ବିଭିନ୍ନ ବାଦ୍ୟର ମିଶ୍ରଣ (ମ୍ୟୁଜିକାଲ୍ ଫ୍ୟୁଜନ୍) କାର୍ଯ୍ୟକ୍ରମ ପରେ ପରେ ସାଶ୍ୱତ ଜୋସୀ ଓ ସାଥୀ ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଛଉ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମୟୁରଭଞ୍ଜର କୋପାଇ ଛଉ ନୃତ୍ୟ ପ୍ରତିଷ୍ଠାନର ଶିଳ୍ପୀମାନେ । ଶେଷରେ ଭୁବନେଶ୍ୱରର ଲାସ୍ୟକଳା ଡ୍ୟାନ୍ସ ଭିଜନ୍‌ର ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରି ନୃତ୍ୟ ପରିବେଷିତ ହୋଇଥିଲା ଯାହାକୁ ଶିତୁଆ ସଂଧାରେ ଦର୍ଶକ ମନଭରି ଉପଭୋଗ କରିଥିଲେ ଓ ସମ୍ବଲପୁରି ନୃତ୍ୟର ତାଳେ ତାଳେ ଝୁମିଥିଲେ । ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ ଏବଂ ପରିଚାଳନାରେ ସହଯୋଗ କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି କାର୍ଯ୍ୟକ୍ରମଟିକୁ ପ୍ରସ୍ତୁତିରେ ସହଯୋଗ କରିଥିଲେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।



# ଲୋଇସିଂହାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗୀର, ୨୪/୧୨ (ନି.ପ୍ର): ରାମକୃଷ୍ଣ କେୟାର ହସ୍ପିଟାଲ, ରାଏପୁର ଏବଂ ମାହେଶ୍ୱରୀ ସଂଗଠନ ଲୋଇସିଂହାର ମିଳିତ ଆନୁକୂଲ୍ୟରେ ଲୋଇସିଂହା ଶିଶୁ ମନ୍ଦିର ବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିବାବେଳେ ଲୋଇସିଂହା ପଂଚାୟତ ସରପଂଚ ନବକିଶୋର ନାଏକ ଓ ଶିଶୁମନ୍ଦିର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗଦାନ କରିଥିଲେ । ରାଏପୁର ରାମକୃଷ୍ଣ ହସ୍ପିଟାଲର ୬ଗୋଟି ବିଭାଗରୁ ଡାକ୍ତରମାନେ ଆସି ଲୋଇସିଂହା ଅଂଚଳର ପ୍ରାୟ ୩୬୪ ଜଣ ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଉକ୍ତ ଶିବିରରେ ବଲାଙ୍ଗୀର ମାହେଶ୍ୱରୀ ସଂଗଠନ ସଭାପତି ଅଙ୍କୁଶ ପାଣ୍ଡିଆ, ଆଗଲପୁର ସଭାପତି ପ୍ରମୋଦ କୁମାର ସାହୁ, ଲୋଇସିଂହା ସଭାପତି ଦେବାଶିଷ ବିଶୋଇ, ଲୋଇସିଂହା ସଂଯୋଜକ ସମୀର କୁମାର ପଧାନ, କର୍ମକର୍ତ୍ତା ମାଧବ ଭୋଇ, ମନୋଜ ମାହାଣ, ଆକାଶ ପଧାନ, ସିଲୁ ନାୟକ, ସିଲୁ ସେବକ, ନରେଶ ତ୍ରିପାଠୀ, ଫକୀର ନାୟକ, ଶମ୍ଭୁ ଧରୁଆ, ସୁନୀଲ ହାତୀ, ଯଶୋବନ୍ତ ମାହାଣ, ନିମାଇଁ ଧାରୁଆ, କରୁଣା କର୍ତ୍ତୀ, ଅଭିଲାଷ ବେହେରା, ରଜତକାନ୍ତ ରଣା , ହରିହର ସାହୁ, ସୁରଜ ସେଠ, ଶୋବନ ସାହୁ, ରତନ ମାହାଣ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସନ୍ତରାଗଡିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଦ୍ୱାତ୍ରିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୪/୧୨ (ନି.ପ୍ର): ଔପଦାବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସନ୍ତରାଗଡିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଦ୍ୱାତ୍ରିଂଶତମ ବାର୍ଷିକ ଉତ୍ସବ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି ।ଅବସରପ୍ରାପ୍ତ ସେନାକର୍ମଚାରୀ ତଥା ସ୍କୁଲ କମିଟିର ସଭାପତି ଜଗବନ୍ଧୁ ସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡିଶାର ବାଲେଶ୍ୱର ଜିଲ୍ଲା ପ୍ରମୁଖ କିରଣ କୁମାର ମହାରଣା, ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ କମଳ ଲୋଚନ ମିଶ୍ର ଏବଂ ସମ୍ପାଦକ ଯୁଧିଷ୍ଠିର ନନ୍ଦ ମଞ୍ଚାସିନ ରହି କୋମଳମତି ଶିଶୁମାନଙ୍କୁ ଉଦବୋଧନ ଦେଇଥିଲେ । ସମ୍ପାଦକ ଶ୍ରୀଯୁକ୍ତ ନନ୍ଦ ଅତିଥିପରିଚୟ କରିଥିବା ବେଳେ, ପ୍ରଧାନଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ଆଧ୍ୟାତ୍ମିକତା ଏବଂ ବିଜ୍ଞାନ ଭିତରେ ବିଭେଦ ନଥିବାର ବିଭିନ୍ନ ଉଦାହରଣ ଦେଇ ପିଲାମାନଙ୍କୁ ବୁଝାଇଥିଲେ । ପାଠପଢି ବଡ଼ଚାକିରୀ ପାଇଁ ନୁହଁ ବରଂ ଭଲମଣିଷ ହେବାପାଇଁ ବିଦ୍ୟା ଅର୍ଜନ କରନ୍ତୁ ବୋଲି ଉପଦେଶ ଦେଇଥିଲେ ।ସଭା ସମାପ୍ତପରେ ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରେ ବାସୁଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଶିଶୁମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ଏବଂ ଅଭିନୟ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ସଫଳ କରିବାପାଇଁ ଶିଶୁମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସମେତ ସହାୟକ, ସହାୟିକା ମାନେ ସହଯୋଗ କରିଥିଲେ ।

# ଅସହାୟ ପରିବାର ମୁହଁରେ ହସ ଫୁଟାଇଲା ଜଗନ୍ନାଥ ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୨୪/୧୨ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ରାଜନଗରର ବଳରାମପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ଭାଇ ଭଉଣୀ ଜୀବନ୍ତ ଦଗ୍ଧ ହୋଇଥିଲେ। ସେହି ପରିବାରର ଜଣେମାତ୍ର ଝିଅ ସୌଭାଗ୍ୟ ରକ୍ଷାପାଇଯାଇଥିଲା। ସେମାନଙ୍କୁ ସହାୟତା କରିବା ପାଇଁ ଯାଇଥିବା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସେହି ଝିଅ ସୁପ୍ରିୟାକୁ ପୋଷ୍ୟ ଭଉଣୀଭାବେ ଗ୍ରହଣ କରି ସେହିଦିନଠାରୁ ତାର ଭଲ ମନ୍ଦ ବୁଝିଆସୁଥିଲେ। ଆଜି ସୁପ୍ରିୟାର ଜନ୍ମଦିନ ଥିବାରୁ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ସେହି ପରିବାର ନିକଟରେ ପହଁଚି ପୋଷ୍ୟ ଭଉଣୀ ସୁପ୍ରିୟାର ଜନ୍ମଦିନ ପାଳନ କରିବା ସହ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରିଥିଲେ। ଏହାସହ ରାଜନଗରର ଓସ୍ତିଆ ଗ୍ରାମର ସୁରେଶ ସେଠୀଙ୍କ ଦୁର୍ଘଟଣାରେ ଦୁଇଗୋଡରେ ପ୍ଲେଟ୍ ପଶିବା ସହ ଆଂଶିକ ଭିନ୍ନକ୍ଷମ ହୋଇଯାଇଥିଲେ।

# ଜାରକା ପୋଲିସ ବିଟ୍ ହାଉସ ସମ୍ମୁଖରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଧର୍ମଶାଳା, ୨୪/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ବିଟ୍ ହାଉସ ସମ୍ମୁଖରେ ଆଜି ରୋଟାରୀ କ୍ଲବ ପକ୍ଷରୁ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଶୁଂ ଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ । ଏହାଦ୍ୱାରା ଜାରକା ବଜାର ଓ ବସଷ୍ଟାଣ୍ଡକୁ ଆସୁଥିବା ଜନ ସାଧାରଣ ବେଶ୍ ଉପକୃତ ହୋଇପାରିବେ । କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ଧାମନଗର ବ୍ଲକରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ , ୨୪/୧୨ (ନି.ପ୍ର): ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଧାମନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଏସ୍.ପି. ବାସୁଦେବ ସ୍ୱାଇଁ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୧୯ ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୯୭ ଟି ବ୍ୟକ୍ତିଗତ ଓ ୨୨ ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ଏଥି ମଧ୍ୟରୁ ତତ୍‌କ୍ଷଣାତ ୪ଟି ସମସ୍ୟା ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ନେଞ୍ଜରା ଗ୍ରାମର ନିରୁପମା ସାହୁଙ୍କୁ ୩ ହଜାର ଟଙ୍କା ଏବଂ ଫତେପୁର ଗ୍ରାମର ବାସନ୍ତୀ ସ୍ୱାଇଁଙ୍କୁ ୨ ହଜାର ଟଙ୍କା ରେଡ଼କ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା । ଏହି ଶୁଣାଣି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଧାମନଗର ବି.ଡି.ଓ. ବନବିହାରୀ ଦିଣ୍ଡା ଓ ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲା ସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ। ଆଗତ ସମସ୍ତ ଅଭିଯୋଗ ସବୁର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜୟପୁର, ୨୪/୧୨ (ନି.ପ୍ର): ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ଜୟପୁର ଏକ ହୋଟେଲରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଲୋକାୟୁକ୍ତ ଆଇନ୍‌ର ତୁରନ୍ତ ରାଜ୍ୟ ସରକାର ପରିବର୍ତନ କରିବା ପାଇଁ ସଂଗଠନ ପକ୍ଷରୁ ଦାବୀ କରାଯାଇଛି । ବିଗତ ୨୪ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନିତୀର ପରିମାଣ ବହୁ ପରିମାଣରେ ବୃଦ୍ଧି ପ୍ରାପ୍ତ ହୋଇଛି । ଏତେ ସଂଖ୍ୟକ ଦୁର୍ନିତୀ ବିରୋଧ ମୋକଦ୍ଦମାକୁ ଫଇସଲା କରିବା ଓ ଦୁର୍ନିତୀଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନସ୍ ବିଭାଗ ପାଖରେ ମାନବ ସମ୍ବଳ ଓ ପ୍ରଚଳିତ ଆଇନ୍ ବ୍ୟବସ୍ଥା ଅନୁସାରେ କାର୍ଯ୍ୟକ୍ରମ ଗ୍ରହଣ କରିବା କଷ୍ଟକର ବ୍ୟାପାର । ଅନ୍ୟ ରାଜ୍ୟରେ ଯେଉଁ ଭଳି ଭାବରେ ଲୋକାୟୁକ୍ତକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇ ବିଭିନ୍ନ ଅସାଧୁ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ସର୍ଚ୍ଚ ୱାରେଣ୍ଟ ଜାରି କରି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି, ଓଡିଶା ରେ ମଧ୍ୟ ଏହାର ଆବଶ୍ୟକତା ରହିଛି । ରାଜନୀତିକ ବ୍ୟକ୍ତି ବିଶେଷ ଓ ସରକାରୀ କର୍ମଚାରୀଙ୍କ ବିଭିନ୍ନ ଦୁର୍ନିତୀ ଗ୍ରସ୍ତ କାର୍ଯ୍ୟକଳାପ ରୋକିବା ପାଇଁ ଲୋକାୟୁକ୍ତକୁ କ୍ଷମତା ଦେବାରେ ଆବଶ୍ୟକତା ରହିଛି । ସର୍ବ ଭାରତୀୟ କ୍ଷେତ୍ରରେ ଓଡ଼ିଶାର ଦୁର୍ନିତୀର ମାତ୍ରା ସର୍ବାଧିକ । ସର୍ବ ଭାରତୀୟ କ୍ଷେତ୍ରରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେଉଁଠି ବହୁ ସଂଖ୍ୟକ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୁର୍ନିତୀ ଅଭିଯୋଗ ହୋଇଛି । ଦୁର୍ନିତୀର ମାତ୍ରା ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ସର୍ବାଧିକ । ଏହା ଭିଜିଲାନସ୍ ନିର୍ଦ୍ଦେଶାଳୟ ରିପୋର୍ଟରୁ ଜଣାପଡୁଛି । ଅନ୍ୟ ରାଜ୍ୟର ଆଇନ୍ ସହ ତର୍ଜମା କରି ନୂତନ ଆଇନ୍ ନୂଆ ସରକାର ଗ୍ରହଣ କରିବାକୁ ଆସନ୍ତା ଜାନୁୟାରୀ ମାସରେ ଭ୍ରଷ୍ଟାଚର ବିରୋଧ ସଂଗଠନ ପକ୍ଷରୁ ଏକ ସଚେତନତା ପାଇଁ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ବିଗତ ବର୍ଷ ଅବିଭକ୍ତ ଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁରକୁ ଭ୍ରଷ୍ଟାଚାର ବିରୋଧ ସଂଗଠନ ଦୁର୍ନିତୀ ନିରାକରଣ ଜିଲ୍ଲା ଭାବରେ ଗ୍ରହଣ କରି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

# ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ



ବାରିପଦା, ୨୪/୧୨ (ନି.ପ୍ର): ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ଜିଲ୍ଲାସ୍ତରୀୟ ସମ୍ମିଳନୀ (ଯକ୍ଷ୍ମା ଡାକ୍ତାରଖାନାର ସଭାଗୃହରେ) ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ପ୍ରଭାକର ପଲେଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା । ଉକ୍ତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ପ୍ରକାଶ ସୋରେନ ଏବଂ ମୁଖ୍ୟ ଅତିଥି ଭାବେ ଡାକ୍ତର ବିଜୟ କୁମାର ଦାଶ, ଏ.ଡି.ଏମ.ଓ. ମେଡିକାଲ ଉପସ୍ଥିତ ଥିଲେ, ଏବଂ ଜିଲ୍ଲା ଡାକ୍ତରଖାନର ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟ ସଭ୍ୟା ବୃନ୍ଦ ସମ୍ମିଳନୀରେ ଉପସ୍ଥିତ ଥିଲେ ଏବଂ ମୟୂରଭଂଞ୍ଜ ଜିଲ୍ଲାର ୨୬ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ତିନିଗୋଟି ଉପଖଣ୍ଡ ଚିକିତ୍ସାଳୟ (ରାଇରଙ୍ଗପୁର, କରଞ୍ଜିଆ ଏବଂ ଉଦଳା)ର ସମସ୍ତ କର୍ମକର୍ତ୍ତା ତଥା କର୍ମଚାରୀ, ସଭ୍ୟ ସଭ୍ୟା ବୃନ୍ଦ ସମ୍ମିଳନୀରେ ଯୋଗଦେଇ ଆଗାମୀ ଦୁଇ ବର୍ଷ ନିମନ୍ତେ ଉକ୍ତ ସଂଘର କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା । ନୂତନ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତୋରୀ ଦେଇ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ସମ୍ବର୍ଦ୍ଧନା କରିଥିଲେ। କର୍ମଚାରୀ ସୁଶିଲ କୁମାର ପ୍ରଧାନଙ୍କ ବିୟୋଗରେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ସଭାପତି ଭାବେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦେଓ, ଉପ-ସଭାପତି ଶ୍ରୀଯୁକ୍ତ ହରେକୃଷ୍ଣ ଦାଶ (କରଞ୍ଜିଆ), ଶ୍ରୀଯୁକ୍ତ ସନ୍ତୋଷ କୁମାର ଧଳ (ରାଇରଙ୍ଗପୁର), ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମିଶ୍ର (ହେଡକ୍ୱାଟର), ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ, ଶ୍ରୀଯୁକ୍ତ ବିଶ୍ୱ ଶଙ୍କର କଳିଆ, ଶ୍ରୀଯୁକ୍ତ ସରୋଜ କୁମାର ସେଠୀ (ଉଦଳା), ସମ୍ପାଦକ ଶ୍ରୀଯୁକ୍ତ ସୁଶିଲ କୁମାର ସାହୁ, ଯୁଗ୍ମ ସମ୍ପାଦକ କୁମାରୀ ଫୁଲୁଲି ମୁଖୀ, ଶ୍ରୀମତୀ ସୁଚିସ୍ମିତା ମହାକୁଡ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାନ୍ତ, କୁମାରୀ ଅଜନ୍ତା ସାଠିଆ, ଶ୍ରୀ ପ୍ରଭାସ କୁମାର ମହାଭୋଇ, ସାଙ୍ଗଠାନିକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଭାଶ କୁମାର ଦେ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସୁବୋଧ କୁମାର ଜେନା, ମୁଖ୍ୟ ଉପଦେଷ୍ଟା ବାରିପଦା ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ, ଉପଦେଷ୍ଟା ସୁନୀଲ କୁମାର ନାୟକ (ଆଇନ ଜୀବି ତଥା ଓକିଲ), ବିବେକାନନ୍ଦ ନାୟକ, କାର୍ଯ୍ୟକାରୀ ସଭ୍ୟ/ସଭ୍ୟା ଭାରତୀ ଆଚାର୍ଯ୍ୟ, ସୀତା ମୁର୍ମୁ, ରୀନା ପାଣି, ବବିତା ମହାନ୍ତ, ପ୍ରଜ୍ଞାରାଣୀ ସାମନ୍ତରାୟ, ଭବାନି ଶଙ୍କର ସାହୁ, ଅକ୍ତର ଖାଁନ୍, ଦେବାଶିଷ ବେହେରା, ସୁଜିତ ପାତ୍ର, ବିଶ୍ୱ ରଞ୍ଜନ ଧିର, ସତ୍ୟାନନ୍ଦ ମଙ୍ଗଲ, ଅନିଲ ମୁଖି ଏବଂ ମେଡିକାଲ କଲେଜର କର୍ମକର୍ତ୍ତାର ସଭାପତି- ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦେଓ, ସମ୍ପାଦକ- ଶ୍ରୀଯୁକ୍ତ ମହେନ୍ଦ୍ର ପଲେଇ, ଯୁଗ୍ମ ସମ୍ପାଦକ- ଶ୍ରୀଯୁକ୍ତ ଆଲୋକ ପୁଟି, ଶ୍ରୀମତୀ ପୋମା ସୋରେନ, କୋଷାଧ୍ୟକ୍ଷ- ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାନ୍ତ, ଶ୍ରୀମତୀ ସସ୍ମିତା ମହାନ୍ତ, ଶ୍ରୀଯୁକ୍ତ ରାହୁଲ ମହାନ୍ତଙ୍କ ସହିତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭ୍ୟସଭ୍ୟା ଯଥା- ବେତନଟୀ-ହରିଶ ମହାନ୍ତ, ରାସଗୋବିନ୍ଦପୁର-ମନୋରଞ୍ଜନ ସେଠୀ, ବଡସାହି-ରବୀନ୍ଦ୍ର କୁମାର ରାଉଳ, କୁଳିଅଣା,- ଅନନ୍ତ ନାୟକ, ଡୁକୁରା-ରଞ୍ଜନ କୁମାର ନାଏକ, ଖୁଣ୍ଟା- ଟୁନି ସିଂ, କେ.ସି.ପୁର- ମନୋଜ କୁମାର ବେହେରା, ଏ.ସି.ପୁର - ସୁମିତ୍ରା ଓଝା, କପ୍ତିପଦା-ସୁନ୍ଦର ମୋହନ ପାଢୀ, ରଙ୍ଗାମାଟିଆ-ମକରନ୍ଦ ପୃଷ୍ଟି, କୋଷ୍ଟା- ଚିନ୍ତାମଣୀ ଦାସ, ଶୀର୍ଷା- ସୁଶିଲ କୁମାର ମହାରଣା, ବାଙ୍ଗିରିପୋଷି, ତପନ କୁମାର ଦାସ, ମଣଦା,- ଚନ୍ଦନା ବେହେରା, ବିଶୋଇ- ସତ୍ୟ ବେହେରା, ଠାକୁରମୁଣ୍ଡା- ତପନ କୁମାର ଦାସ, ଗୋରୁମହିସାଣି- ଜୟନ୍ତ ବେହେରା, ଯଶିପୁର- ଦେବେନ୍ଦ୍ର ମହାନ୍ତ, ବହଳଦା- ଭୁଟା ସିଂ ଏବଂ କିଶାନତାଣ୍ଡି-ପ୍ରମୋଦ କୁମାର ଦାସବାବୁ, ବିଜାତଳା- ହୁଜାର ମୁର୍ମୁ, ତିରିଂ-ବିକ୍ରମ କେଶରୀ ସି ପ୍ରମୁଖ ଉପସ୍ଥିତ ଥିବା ସହିତ ସଂଘର ଦାବୀଗୁଡିକୁ ଉପସ୍ଥାପନା କରାଯାଇଥିଲା । ଦାବିଗୁଡିକ ହେଲା-୧. ମୟୂରଭଞ୍ଜ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ଗୃହର ନବୀକରଣ। ୨. ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ କର୍ମଚାରୀ ସଂଘ ପାଇଁ କାର୍ଯ୍ୟାଳୟ ସ୍ଥାପନ। ୩. ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ୍‌ରେ କ୍ୟାଣ୍ଟିନ୍ ବ୍ୟବସ୍ଥା କରାଯାଉ। ୪. ମୟୂରଭଞ୍ଜ ଜିଲ୍ଲାର ରୋଗୀ ସଂଖ୍ୟା ବୃଦ୍ଧିପାଉଥିବା ଓ ସମସ୍ତ ଶ୍ରେଣୀର କର୍ମଚାରୀ ନିଯୁକ୍ତି ପାଉଥିବା ବେଳେ ଗୃପ୍ତ-ଡି କର୍ମଚାରୀ ଏଠାରେ ନିଯୁକ୍ତି କରାଯାଉ ନାହିଁ ପ୍ରକାଶ ଯୋଗ୍ୟ ଯେ ଗୃପ-ଡି କର୍ମଚଥରୀ ଅବସର ନେବା ପରେ ଉକ୍ତ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ ଏଣୁ ପଦବୀ ଖାଲି ଥିବା ସ୍ଥାନରେ ଏଜେନ୍ସି ଦ୍ୱାରା କାର୍ଯ୍ୟରତ ପିଲାଙ୍କୁ ନିଯୁକ୍ତି ଦିଆଯାଉ। ୫. ସରକାରଙ୍କ ଥଇଥାନ ଯୋଜନା ମୁତାବକ ଗୃପ-ଡି କର୍ମଚାରୀର ମୃତବରଣ ପରେ ତା'ର ପରିବାରର ସଦସ୍ୟଙ୍କୁ କୌଣସି ସର୍ତମୂଳକ ନିର୍ଦ୍ଦେଶ ବିନା ସ୍ଥାୟୀ ନିଯୁକ୍ତି କରାଯାଉ। ୬. ୪୪ଦିନରୁ ଅଧିକ ସାରଭିସ୍ ପ୍ରଭାଇଡରରେ ଅସ୍ଥାୟୀ ଭାବେ ଦୀର୍ଘ ଦିନ କାର୍ଯ୍ୟ କରୁଥିବା ଗୃପ-ଡି କର୍ମଚାରୀ ମାନଙ୍କୁ ୬ବର୍ଷ ପରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ଓ ମୟୂରଭଞ୍ଜ ଜିଲ୍ଲାରେ ବହୁଦିନ ଧରି କାର୍ଯ୍ୟ କରୁଥିବା କେତେକ ଅସ୍ଥାୟୀ ଗୃପ-ଡି କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦିଆଯାଉ। ୭. ମୟୂରଭଞ୍ଜ ଜିଲ୍ଲାରେ ଯୋଗ୍ୟତା ଅନୁଯାୟୀ ଗୃପ-ଡି କର୍ମଚାରୀଙ୍କୁ ଡି.ସି.ପି. ବସାଇ ପଦନ୍ନୋତି କରାଯାଉ। ୮.ସମସ୍ତ ଗୃପ-ଡି କର୍ମଚାରୀଙ୍କୁ ସରକାରୀ ବାସଗୃହ ଯୋଗାଇ ଦିଆଯାଉ। ୯.ସମସ୍ତ ଗୃପ-ଡି କର୍ମଚାରୀ ମାନଙ୍କର ଅବସର ଗ୍ରହଣ ୬୦ବର୍ଷ ଅବଧି ପରିବର୍ତେ ୬୨ବର୍ଷ କରାଯାଉ। ୧୦.ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଯେଉଁ ବିଜ୍ଞପ୍ତି ପେପର ମାଧ୍ୟମରେ ଜାରି କରାଯାଇଥିବା ୪୬ ଜଣ ଗୃପ-ଡି ପଦବୀ ଏବଂ ମେଡିକାଲ କଲେଜର ୪୪ପଦବୀ ଏଜେନ୍ସି ପିଲାଙ୍କୁ ସେହି ପଦବୀରେ ନିୟୋଜିତ କରାଯାଉ। ୧୧.ଗୃପ-ଡି କର୍ମଚାରୀ ମାନଙ୍କର ବୟସ ସୀମା ସର୍ବନିମ୍ନ ୬୨ବର୍ଷ କରାଯାଉ। ୧୨. ସଦର ଡାକ୍ତରଖାନାରେ ଅଧିକ ନିଯୁକ୍ତି ଦିଆଯାଉ ଭଳି ୧୨ଗୋଟି ଦାବିକୁ ଉପସ୍ଥାପନା କରାଯାଇଥିଲା। ସର୍ବ ଶେଷରେ ଶ୍ରୀ ସୋରଜ କୁମାର ସେଠୀ ସଭାର ସଭାପତି ମଞ୍ଚାସିନ ଅତିଥୀ ବୃନ୍ଦ, ନୂତନ କର୍ମକର୍ତ୍ତା ସଭ୍ୟସଭ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

# ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ

ପୁରୀ, ୨୪/୧୨ (ନି.ପ୍ର): ସରକାରଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସରକାର ଓ ପ୍ରଶାସନ ଗ୍ରାମରେ ପହଂଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା।ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ ପ୍ରଶାସନ ଗାଁଓ କି ଓର ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଅଧିକାରୀ ମାନଙ୍କ ପୁରୀ ଜିଲ୍ଲାକୁ ଏକ ଗସ୍ତ ବ୍ୟବସ୍ଥା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଆଡମିନଷ୍ଟ୍ରେଟିଭ ରିଫର୍ମ୍ସ ଓ ପବ୍ଲିକ ଗ୍ରିଭାନ୍ସ ବା ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ମନ୍ତ୍ରାଳୟର ଅଣ୍ଡର ସେକ୍ରେଟାରୀ ଲକ୍ଷ୍ମୀ ଚନ୍ଦ୍ରା, ସେଂଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ ବା ସିଏମଜିଆଇର ପ୍ରୋଗ୍ରାମ ଅଧିକାରୀ ରାଜ କିଶୋର ପଟ୍ଟନାୟକ ଓ ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ପିପିଲି ବ୍ଲକର ଦାଣ୍ଡ ମକୁନ୍ଦପୁର, ସତ୍ୟବାଦୀ ବ୍ଲକର ପେଣ୍ଠପଡା ଓ ପୁରୀ ସଦର ବ୍ଲକର ବାଲିଗୁଆଳୀ ପଂଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଯୋଜନା ,ତାହାର ରୂପରେଖ, ହିତାଧିକାରୀ ଚୟନ, କାର୍ଯ୍ୟ କାରିତା ଓ ତାହାର ସୁଫଳ ସମ୍ପର୍କରେ ସେମାନେ ଅନୁଧ୍ୟାନ କରିଥିଲେ।

# ଏମପିସି ୧୯୯୨ ବାଣିଜ୍ୟ ବିଭାଗର ବନ୍ଧୁ ମିଳନ ଅନୁଷ୍ଠିତ



ବାରିପଦା , ୨୪/୧୨ (ନି.ପ୍ର): ମହାରଜା ପୂର୍ଣ୍ଣ ଚନ୍ଦ୍ର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ୧୯୯୨ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବନ୍ଧୁମିଳନ ପର୍ବ ସ୍ଥାନୀୟ ଗୁରୁଜୀ ଗାର୍ଡେନ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ ପର୍ବରେ ପ୍ରାୟ ୮୦ ରୁ ଉର୍ଦ୍ଧ ତାଙ୍କର ପରିବାର ବର୍ଗଙ୍କ ନିଜକୁ ସାମିଲ କରିଥିଲେ ଓ ପ୍ରାରମ୍ଭରେ ଏକ ସାଧାରଣ ସଭା ହେବା ସହ ଦିନସାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ। ପରିଶେଷରେ ବନ୍ଧୁତାକୁ ଅତୁଟ ରଖିବା ପାଇଁ ଏବଂ ସମସ୍ତ ସଦସ୍ୟଙ୍କ କଲ୍ୟାଣ ପାଇଁ ଏକ ସଂଗଠନ ଗଢିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଗଲା ଓ ଏହି ସଂଗଠନର ନାମ 'ଏମ ପି ସି କମର୍ସ ୧୯୯୨ ଫ୍ରେଣ୍ଡସ ୱେଲଫେୟାର ସୋସାଇଟି 'ରଖିବାକୁ ସ୍ଥିର କରାଗଲା ଓ ଏହାକୁ ଓଡିଶା ସରକାର ଙ୍କ ଠାରେ ପଞ୍ଜିକୃତ କରାଯିବାକୁ ସ୍ଥିର କରାଯାଇଅଛି । ଉକ୍ତ ସଂସ୍ଥାର ସଭାପତି ଭାବେ ଅମୀୟ କୁମାର ଦଳେଇ, ଉପ ସଭାପତି ଭାବେ ଗୌତମ ଶଙ୍କର ରାୟ ଓ ପ୍ରଭାତ ପାତ୍ର, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ମହାନ୍ତି, ସମ୍ପାଦକ, ସହ ସମ୍ପାଦକ ଭାବେ ଜ୍ଞାନରଞ୍ଜନ ପଣ୍ଡା ଓ ଅଶୋକ ଦାସ ଓ କୋଷାଧକ୍ଷ ଭାବେ ସୁଦିପ ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମ କୁ ସଫଳ କରିଥିବାରୁ ସଭାପତି ଅମୀୟ କୁମାର ଦଳେଇ ସମସ୍ତ ବନ୍ଧୁ ବାନ୍ଧବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି ଆଲୋକପାତ କରିଥିଲେ।

# ଶ୍ୱାସ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୪/୧୨ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଶ୍ୱାସରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ଶୀତଋତୁରେ ବର୍ଷା, ଧୂଳି, ପୁଷ୍ପରେଣୁ, ଘର ଅଳନ୍ଧୁ, ଛୁଙ୍କ, ଶ୍ୱାସ ନଳୀର ସମ୍ପର୍କରେ ଆସିଲେ ଦୁର୍ବଳ ନାଡୀତନ୍ତୁ ବିକ୍ଷୁବ୍ଧ ହୋଇ ଶ୍ୱାସ ରୋଗ ସୃଷ୍ଟି ହୁଏ। ଫୁସଫୁସର ବାୟୁ କୋଷ, ଶ୍ୱାସନଳୀରେ କଫ ଜମି ରହିଲେ, ଆଲର୍ଜି ହେଲେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ। କାରଣକୁ ଛାଡି ଖୋଲା ଶୁଦ୍ଧ ପରିବେଶରେ ରହିବେ, ମୃଦୁ ବ୍ୟାୟମ କରିବେ, ସୋରିଷ ତେଲ ମାଲିସ୍ କରିବେ, ପାଚିଲା ଫଳ, ଦ୍ରାକ୍ଷା ଖାଇବେ, ପୁଷ୍ଟିକର ଖାଦ୍ୟ ଖାଇବେ। ଥଣ୍ଡା ପାନୀୟ, ଖଟା ଖାଇବେ ନାହିଁ। ବାସଙ୍ଗପତ୍ର ରସ, ଗୁଡ଼, ବାହାଡ଼ା,ପିପ୍ପଳୀ, ସୋରିଷ ତେଲ ମିଶାଇ ଖାଇଲେ ଭଲ ହୋଇଯିବ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା ।



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 December 2024

Vol.No. 35 ■ No.343 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଫଗାନିସ୍ତାନରେ ଭାରତୀୟ କନସୁଲେଟ କର୍ମଚାରୀଙ୍କ ଉପରେ ଆକ୍ରମଣ



ନୂଆଦିଲ୍ଲୀ, ୨୪/୧୨ : ଆଫଗାନିସ୍ତାନର ଜଲାଲାବାଦରେ ଭାରତୀୟ ବାଣିଜ୍ୟ ଦୂତାବାସ ବା କନସୁଲେଟର ଏକ ଗାଡ଼ି ଉପରେ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବାବେଳେ ସେମାନଙ୍କ ଅଙ୍ଗରକ୍ଷୀଙ୍କ ମୃତ୍ୟୁ ଘଟିଛି । ଆକ୍ରମଣକାରୀଙ୍କ ପରିଚୟ ମିଳିପାରି ନାହିଁ ଏବଂ ତଦନ୍ତ ଜାରି ରହିଛି। ଭାରତୀୟ ବାଣିଜ୍ୟ ଦୂତାବାସରେ କାମ କରୁଥିବା ଉକ୍ତ କର୍ମଚାରୀମାନେ ଆଫଗାନ ବୋଲି ଜଣାପଡ଼ିଛି । ସେମାନଙ୍କୁ ହତ୍ୟା କରିବାକୁ ଏହି ଆକ୍ରମଣ କରାଯାଇଥିବା ସଂଦେହ କରାଯାଉଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣକାରୀମାନଙ୍କୁ ଖୋଜିବା ଜାରି ରହିଛି। ଭାରତୀୟ ବାଣିଜ୍ୟ ଦୂତାବାସରେ କାମ କରୁଥିବା ଉକ୍ତ କର୍ମଚାରୀମାନେ ଆଫଗାନ ବୋଲି ଜଣାପଡ଼ିଛି । ସେମାନଙ୍କୁ ହତ୍ୟା କରିବାକୁ ଏହି ଆକ୍ରମଣ କରାଯାଇଥିବା ସଂଦେହ କରାଯାଉଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣକାରୀମାନଙ୍କୁ ଖୋଜିବା ଜାରି ରହିଛି। ସୁରକ୍ଷା ଦୃଷ୍ଟିରୁ ୨୦୨୦ରେ ଆଫଗାନିସ୍ତାନରେ ଜଲାଲାବାଦରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସକୁ ନିଷ୍କ୍ରିୟ କରାଯାଇଥିଲା। ଏହାପରେ ଦୂତାବାସ ପ୍ରାୟତଃ ବନ୍ଦ ରହିଥିଲେ ମଧ୍ୟ ସେଠାରେ ଏକ ଛୋଟ ଆଫଗାନ କର୍ମଚାରୀ ଦଳକୁ ଜରୁରୀ କାମ କରିବାକୁ ରଖାଯାଇଥିଲା। ଆଫଗାନିସ୍ତାନର ସମସ୍ତ ବାଣିଜ୍ୟ ଦୂତାବାସ ବନ୍ଦ ଥିବା ସତ୍ତ୍ୱେ ଭାରତ ମାନବିକ ସହାୟତା ପ୍ରଦାନ ଜାରି ରଖିଛି। ଯଦିଓ ଭାରତ ତାଲିବାନ ଶାସନକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦେଇନାହିଁ, ତଥାପି ଆଫଗାନିସ୍ତାନ ଲୋକଙ୍କ ପାଇଁ ଗହମ ଏବଂ ଔଷଧ ପଠାଇଛି। ବର୍ତ୍ତମାନ କେବଳ କାବୁଲରେ ଥିବା ଦୂତାବାସ କାର୍ଯ୍ୟକ୍ଷମ ରହିଛି।

## ରଘୁବର ଦାସଙ୍କ ଇସ୍ତଫା: କେ ହରି ବାବୁ ଓଡ଼ିଶାର ନୂଆ ରାଜ୍ୟପାଳ ନିଯୁକ୍ତ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଓଡ଼ିଶାର ରାଜ୍ୟପାଳ ପରିବର୍ତ୍ତନ ହୋଇଛି। କମଭମପତି ହରି ବାବୁଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ରଘୁବର ଦାସଙ୍କ ଇସ୍ତଫା ପରେ କେ ହରି ବାବୁଙ୍କୁ ରାଜ୍ୟପାଳ ନିଯୁକ୍ତ କରାଯାଇଛି। କେ ହରି ବାବୁ ବର୍ତ୍ତମାନ ମିଜୋରାମର ରାଜ୍ୟପାଳ ଅଛନ୍ତି। ତାଙ୍କ ନିଯୁକ୍ତିକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଓଡ଼ିଶାର ୨୬ତମ ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିଥିଲେ। କେ ହରି ବାବୁ ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ସେ ୧୬ତମ ଲୋକସଭାରେ ଆନ୍ଧ୍ର ପ୍ରଦେଶର ବିଶାଖାପଟନମ ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ୨୦୧୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ସେ ଆନ୍ଧ୍ର ପ୍ରଦେଶ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ଥିଲେ।

▶▶ପୃଷ୍ଠା ୭

## ଆହୁରି ୪୮ ଘଣ୍ଟା ବର୍ଷା: ତା'ପରେ ବଢ଼ିବ ଶୀତ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ବଙ୍ଗୋପସାଗରରେ ସୁଦୃଶ୍ୟ ଲଘୁଚାପ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସକ୍ରିୟ ରହିଛି ଏହି ସୁଦୃଶ୍ୟ ଲଘୁଚାପ। ଏହାର ପ୍ରଭାବରେ ରାଜ୍ୟରେ ମେଘୁଆ ପାଗ ସାଙ୍ଗକୁ ଜାରି ରହିଛି ଝିପିଝିପି ବର୍ଷା। ତେବେ ଆସନ୍ତା ୪୮ ଘଣ୍ଟା ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାରେ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଆଜି ଯାଜପୁର, ଖୋର୍ଦ୍ଧା, କଟକ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି,

▶▶ପୃଷ୍ଠା ୭

## ୩୫୦ ଫୁଟ ତଳକୁ ଖସିଲା ସେନା ଗାଡ଼ି: ୫ ଯବାନ ମୃତ

ନୂଆଦିଲ୍ଲୀ, ୨୪/୧୨ : ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲା ଅନ୍ତର୍ଗତ ମେନ୍ଧାର ସ୍ଥିତ ବାଲନୋଇରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ସୁରକ୍ଷାକର୍ମୀଙ୍କୁ ନେଇ ଯାଉଥିବା ଗୋଟିଏ ସେନା ଗାଡ଼ି ଆଜି ଭାରସାମ୍ୟ ହରାଇ ରାସ୍ତାରୁ ସିଧା ୩୫୦ ଫୁଟ ଖାଇକୁ ଖସି ପଡ଼ିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ଉଦ୍ଧାର କରାଯାଇ ଏବେ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ୧୧ ମାଡ୍ରାସ ଲାଇଟ ଇନଫାଣ୍ଟରୀ(୧୧ଏମଏଲଆଇ)ର ଯବାନମାନେ

▶▶ପୃଷ୍ଠା ୭

## ପୂର୍ବତନ ଗୃହ ସଚିବ ଅଜୟ ଭଲ୍ଲା ମଣିପୁର ରାଜ୍ୟପାଳ

ନୂଆଦିଲ୍ଲୀ, ୨୪/୧୨ : ଦେଶର ପୂର୍ବତନ ଗୃହ ସଚିନ ଅଜୟ ଭଲ୍ଲାଙ୍କୁ ମିଳିଛି ବଡ଼ ଦାୟିତ୍ୱ। ପ୍ରଶାସନିକ ସେବାରୁ ଅବସର ନେବା ପରେ ତାଙ୍କୁ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ନିଯୁକ୍ତି ସଂକ୍ରାନ୍ତ ପ୍ରସ୍ତାବ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ମାରିଛନ୍ତି। ୨୦୨୩ ମେ' ମାସରୁ ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛନ୍ତି। ଅଶାନ୍ତ ମଣିପୁରରୁ ଶାନ୍ତ କରିବା ପାଇଁ ଭଲ୍ଲାଙ୍କ ଭଳି ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କୁ ସେଠାକାର ରାଜ୍ୟପାଳ କରାଯାଇଥିବା କୁହାଯାଉଛି। ଏବେ ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିବା ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ସ୍ଥାନ ନେବେ ଅଜୟ କୁମାର ଭଲ୍ଲା। ଶ୍ରୀ ଆଚାର୍ଯ୍ୟ ଜୁଲାଇ ୩୧ରେ ମଣିପୁରର ରାଜ୍ୟପାଳ ହୋଇଥିଲେ। ସେ ମଣିପୁରରେ ହିଂସା ରୋକିବାରେ ବିଫଳ ହେବାରୁ ଏବେ ତାଙ୍କୁ ରାଜ୍ୟପାଳ ପଦରୁ ହଟାଇ ଦିଆଯାଇଛି। ଅନ୍ୟପକ୍ଷରେ ଦେଶର ପୂର୍ବତନ ସେନା ମୁଖ୍ୟ ତଥା ମୋଦି ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରି ସାରିଥିବା ଜେନେରାଲ(ଅବସରପ୍ରାପ୍ତ) ଭିକେ ସିଂହଙ୍କୁ ମଧ୍ୟ ରାଜ୍ୟପାଳ କରାଯାଇଛି। ସେ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତ ପାଇଛନ୍ତି।

▶▶ପୃଷ୍ଠା ୭

## ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘର ଫୁଟବଲ୍ ପ୍ରତିଯୋଗିତାର ଉଦଯାପନୀ ସମାରୋହ

### ଢେଙ୍କାନାଳରେ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ବ୍ୟାପକ କରିବା: ଧର୍ମେନ୍ଦ୍ର ପ୍ରଧାନ




ଢେଙ୍କାନାଳ, ୨୪/୧୨ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ମଙ୍ଗଳବାର ଆୟୋଜିତ 'ଷଷ୍ଠତମ ଜାତୀୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା'ର ଉଦଯାପନୀ ସମାରୋହରେ ଯୋଗଦେଇ ଜିଲ୍ଲାରେ ମୋଦୀ ସରକାରଙ୍କ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳରେ ଖେଳର ଏକ ଅନୁକୂଳ ବାତାବରଣ ଅଛି । ଫୁଟବଲ, କ୍ରିକେଟ୍, ହକି ସମେତ ଅନ୍ୟ ଆଥଲେଟିକ କ୍ରୀଡାରେ ଏହି ଜିଲ୍ଲା ଧୀରେ ଧୀରେ ପରିଚୟ ତିଆରି କରୁଛି । ଢେଙ୍କାନାଳ ଜିଲ୍ଲାକୁ ଖେଳ, ପର୍ଯ୍ୟଟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚାଷ ଓ ଶିଳ୍ପସମୂହର ପ୍ରକଳ୍ପକୁ ପ୍ରାଥମିକତା ଦେଇ କ୍ରିୟାନ୍ୱୟନ କରିବାକୁ ହେବ । ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଢେଙ୍କାନାଳ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ଏହି ଫୁଟବଲ ମ୍ୟାଚ୍ ମାଧ୍ୟମରେ ଜିଲ୍ଲାରେ କ୍ରୀଡ଼ାର ବିକାଶ ପାଇଁ ଯେଉଁ ଉଦ୍ୟମ କରୁଛି, ତାହା ପ୍ରଶଂସନୀୟ । ଏହି ପ୍ରଚେଷ୍ଟା ଆମ ଅଞ୍ଚଳର ପ୍ରତିଭାବାନ ଯୁବବର୍ଗଙ୍କୁ ଆଗାମୀ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରାଇବାରେ ସହାୟକ ହେବ । ଏହି ସାଧୁ ଉଦ୍ୟମ ପାଇଁ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ଉଦଯାପନୀ ସମାରୋହରେ ସେଣ୍ଟରାଲ ରେଲୱେ ଟିମ, ମୁମ୍ବାଇ ଓ କେରଳ ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ, କେରଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ସେଣ୍ଟରାଲ ରେଲୱେ ଟିମ, ମୁମ୍ବାଇ ବିଜୟୀ ହୋଇଥିଲା । ବିଜୟୀ ଟିମକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ମ୍ୟାଚରେ ଉଭୟ ଦଳର ପ୍ରଦର୍ଶନ ଆକର୍ଷଣୀୟ ଥିଲା । ଦୁଇଟିଯାକ ଦଳ ଭଲ ଖେଳିଲେ । ଢେଙ୍କାନାଳର ଯୁବଶକ୍ତିଙ୍କ ମଧ୍ୟରେ ଫୁଟବଲ ଓ ଅନ୍ୟାନ୍ୟ ଖେଳ ପ୍ରତି ଆଗ୍ରହ ବଢାଇବା ଲକ୍ଷ୍ୟରେଏହି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ ବୋଲି ସେ କହିଥିଲେ ।

## ନିର୍ବାଚନ ନିୟମରେ ସଂଶୋଧନ: ସୁପ୍ରିମକୋର୍ଟରେ ପହଞ୍ଚିଲା କଂଗ୍ରେସ

ନୂଆଦିଲ୍ଲୀ, ୨୪/୧୨ : ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ନିକଟରେ ନିର୍ବାଚନ ପରିଚାଳନା ନିୟମ ୧୯୬୧ରେ ସଂଶୋଧନ କରିଛନ୍ତି। କିନ୍ତୁ ଏହାକୁ ବିରୋଧ କରି କଂଗ୍ରେସ ଗୋଟିଏ ପିଟିସନ ସୁପ୍ରିମକୋର୍ଟରେ ଦାଏର କରିଛି। କେନ୍ଦ୍ର ସରକାର କରିଥିବା ସଂଶୋଧନ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ବିଶ୍ୱସନୀୟତା ହରାଉଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନ କମିସନଙ୍କ ସୁପାରିସ ଆଧାରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶୁକ୍ରବାର ନିର୍ବାଚନ ପରିଚାଳନା ନିୟମ ୧୯୬୧ର ନିୟମ ୯୩(୨)(ଏ)ରେ ବଡ଼ ସଂଶୋଧନ କରିଥିଲେ। ସର୍ବସାଧାରଣ ଯାଞ୍ଚ ପାଇଁ ସିସିଟିଭି ଫୁଟେଜ୍ ମଗାଯିବା ଉପରେ ସଂଶୋଧନ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଛି। ଏଣିକି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଇଲେକ୍ଟ୍ରୋନିକ୍ ରେକର୍ଡ ସର୍ବସାଧାରଣରେ ତନଖି ପାଇଁ ଉପଲବ୍ଧ ହେବ ନାହିଁ। ସିସିଟିଭି କ୍ୟାମେରା ଓ ୱେବକାଷ୍ଟିଂ ଫୁଟେଜ୍ ଭଳି କେତେକ ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯାଞ୍ଚ ସହ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂକୁ ରୋକିବା ପାଇଁ ସରକାର ନିର୍ବାଚନ ନିୟମରେ ସଂଶୋଧନ ଆଣିଛନ୍ତି। ପୂର୍ବରୁ ଥିବା ନିୟମ ୯୩ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଖୋଲା ରହିଥିଲା। ହେଲେ ସଂଶୋଧନ ପ୍ରକ୍ରିୟାରେ ଇଲେକ୍?ଟ୍ରୋନିକ୍? ଦସ୍ତାବିଜଗୁଡ଼ିକୁ ନିର୍ଦ୍ଦିଷ୍ଟ ଯାଞ୍ଚ ପ୍ରକ୍ରିୟାରୁ ବାଦ ଦିଆଯାଇଛି। କେତେକ ଅସ୍ପଷ୍ଟତା ଦୂର କରିବା, ମତଦାନ ଗୋପନୀୟତା ଉଲ୍ଲଂଘନକୁ ରୋକିବା ଓ ଏଆଇ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମତଦାନ କେନ୍ଦ୍ର ଭିତରର ସିସିଟିଭି ଫୁଟେଜର ସମ୍ଭାବ୍ୟ ଅପବ୍ୟବହାର ଭଳି ଗମ୍ଭୀର ପ୍ରସଙ୍ଗକୁ ବିଚାର କରି ନିୟମକୁ ସଂଶୋଧନ କରାଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ସଂଶୋଧନ ଦ୍ୱାରା କେବଳ ନିୟମରେ ଉଲ୍ଲେଖ ଥିବା ରେକର୍ଡ ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହେବ ଓ କୌଣସି ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯାଞ୍ଚ ନିମନ୍ତେ ଅନୁମତି ଦିଆଯିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଛି। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ଅବଧା ନିର୍ବାଚନ କରିବାର ଅଧିକାର ପାଇଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଏକତରଫା ଭାବେ ବଦଳାଇବାକୁ ଅନୁମତି ମିଳିପାରିବ ନାହିଁ। ଏନେଇ ଗୋଟିଏ ରିଟ ପିଟିସନ ସୁପ୍ରିମକୋର୍ଟରେ ଫାଇଲ କରାଯାଇଛି। ନିକଟରେ ନିର୍ବାଚନ ପରିଚାଳନା ଆଇନ ୧୯୬୧ରେ ହୋଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରାଯାଇଛି। ନିର୍ବାଚନ କମିଶନ ଗୋଟିଏ ସାମ୍ବିଧାନିକ ସଂସ୍ଥା। ମୁକ୍ତ ଓ ଅବଧା ନିର୍ବାଚନ ପାଇଁ ସେ ଦାୟିତ୍ୱ ନେଇଛନ୍ତି।

## ଜାନୁୟାରୀ ୩ରୁ ୧୩ ପର୍ଯ୍ୟନ୍ତ ଚାଲିବ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ବିଭାଗର ସମ୍ମିଳନୀ କକ୍ଷରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆୟୋଜନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଧକ୍ଷତା କରି କହିଥିଲେ ଯେ ବରଗଡ଼ ଧନୁଯାତ୍ରା ଆମର ଗର୍ବ ଓ ଗୌରବ । ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଂଚ ଭାବେ ସ୍ୱୀକୃତିପ୍ରାପ୍ତ ବରଗଡ଼ ଧନୁଯାତ୍ରା ଭଗବାନ କୃଷ୍ଣ, ତାଙ୍କ ବାଲ୍ୟଲୀଳା ଓ ତାଙ୍କ ରାକ୍ଷସ ମାମୁଁ କଂସଙ୍କ କାହାଣୀ ଉପରେ ଆଧାରିତ । ଏହି ଉତ୍ସବ ସମୟରେ ସମଗ୍ର ବରଗଡ଼ ଜିଲ୍ଲାରେ ମଥୁରା ରାଜ୍ୟରେ ପରିଣିତ ହୋଇଯାଏ । ଏହାର ଆୟୋଜନ କେବଳ ବରଗଡ଼ ଜିଲ୍ଲା ପ୍ରଶାସନଙ୍କ ଦାୟିତ୍ୱ ନୁହେଁ ଏହା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ପ୍ରଭାତି ପରିଡା ମତ ପ୍ରକାଶ କରିଛନ୍ତି ।

ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଆଭାସି ମାଧ୍ୟମରେ ଯୋଗଦେବା ସହ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଅନ୍ୟ ପର୍ଯ୍ୟଟନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ । ଏହା ସହ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ଉପାଧ୍ୟାୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଳୀରାମ ବୋଣ୍ଡର, ବରଗଡ଼ ଜିଲ୍ଲା ଏସପି ପ୍ରହଲାଦ ସାହାଇ ମୀନା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ ।

ବରଗଡ଼ ଧନୁଯାତ୍ରାକୁ ବିଶ୍ୱସ୍ତରରେ ପହଂଚାଇବ ପାଇଁ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା ।

## ପୁଲିସ କ୍ୟାମ୍ପ ଉପରେ ନକ୍ସଲ ହମଲା: ୨ ଯବାନ ଆହତ

ମାଲକାନଗିରି, ୨୪/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଚିନ୍ତଲନାର ଥାନା ଅଂଚଳର ଗୋମଗୁଡା ପୁଲିସ କ୍ୟାମ୍ପ ଉପରେ ନକ୍ସଲ ହମଲା କରିଛନ୍ତି। ଏହି ନକ୍ସଲ ଆକ୍ରମଣରେ ୨ ଜଣ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁଇ ଆହତ ଯବାନ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ନକ୍ସଲ ଗତକାଲି ରାତି ପ୍ରାୟ ସାଢ଼େ ୯ଟା ବେଳେ ଅଚାନକ ଏହି କ୍ୟାମ୍ପ ଉପରେ ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଯାହାଫଳରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଏବେ ଏହି ଅଂଚଳରେ ସର୍ଚ୍ଚ ଅପେରସନକୁ ଜୋରଦାର କରୁଛନ୍ତି। ସୂଚନା ଅନୁଯାୟୀ ଗତ ଦୁଇଦିନ ତଳେ ନକ୍ସଲ ପ୍ରବଣ ଗୋମଗୁଡା ଠାରେ ନୂତନ ସିଆରପିଏଫ କ୍ୟାମ୍ପର ସ୍ଥାପନା କରାଯାଇଥିଲା। ଏହି ଅଂଚଳ ନକ୍ସଲ ସଂଗଠନର ପିଏଲଜିଏ କମ୍ରେଡ଼ ମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ଥିଲା। ଏହି ଅଂଚଳରେ ନକ୍ସଲ ବହୁ ହିଂସା ଘଟାଇଛନ୍ତି। ତେଣୁ ଦୀର୍ଘ ଦିନର ଦାବି ପରେ ସରକାର ଏହି ଅଂଚଳରେ କ୍ୟାମ୍ପ ପ୍ରତିଷ୍ଠା କଲେ। ଏହି କ୍ୟାମ୍ପ ପ୍ରତିଷ୍ଠାକୁ ନେଇ ନକ୍ସଲ ଚିନ୍ତାରେ ପଡ଼ିଲେ। ଧୀରେ ଧୀରେ ଯବାନ ସମସ୍ତ ନକ୍ସଲ ଗଡ଼କୁ ନିଜ ଅକ୍ତିଆରକୁ ନେଲେଣି।

## ରିଟାର୍ଡ ଆଇଏଏସ୍ ବିନୋଦ କୁମାର ଓ ଅନ୍ୟ ୨ଜଣଙ୍କୁ ୩ବର୍ଷ ସଶ୍ରମ ଜେଲ୍



ଭୁବନେଶ୍ୱର, ୨୪/୧୨ : ଓଡ଼ିଶା ଗୃହନିର୍ମାଣ ଉନ୍ନୟନ ନିଗମ (ଓଆରଏଚଡିସି) ଦୁର୍ନୀତି ମାମଲାରେ ରିଟାର୍ଡ ଆଇଏଏସ୍ ଅଫିସର ବିନୋଦ କୁମାର ଓ ଅନ୍ୟ ୨ଜଣଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ ଜେଲ ଦଣ୍ଡାଦେଶ ହୋଇଛି। ୧୯୮୯ ବ୍ୟାଚ୍ ଆଇଏଏସ୍ ବିନୋଦ କୁମାରଙ୍କୁ ରାଜ୍ୟ ସରକାର ପୂର୍ବରୁ ଚାକିରିରୁ ବହିଷ୍କୃତ କରିଥିଲେ। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ଓଆରଏଚଡିସି ଦୁର୍ନୀତି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍ କୋର୍ଟ ଆଜି ବିନୋଦ କୁମାରଙ୍କ ସମେତ ଓଆରଏଚଡିସିର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଟେକନିକାଲ) ପୂର୍ଣ୍ଣଚନ୍ଦ୍ର ଦାସ ଓ ଭୁବନେଶ୍ୱରସ୍ଥିତ ଏନଜିଓ ଆଓ୍ୱାରର ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ହଜାର ଟଙ୍କା ଲେଖାଏଁ ଜୋରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ବିନୋଦ କୁମାର ଓ ପୂର୍ଣ୍ଣଚନ୍ଦ୍ର ଦାସ ବେଆଇନ ଭାବେ ଜାଲ୍ ଦସ୍ତାବିଜ ମାଧ୍ୟମରେ ଋଣ ପ୍ରଦାନ କରିଥିଲେ। ଓଆରଏଚଡିସି ଦୁର୍ନୀତି ଓ ଅର୍ଥ ତୋଷାରପାତ ମାମଲାରେ ଏହି ସଂସ୍ଥାର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଦଶମ ଥର ପାଇଁ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ୧୯୮୯ ବ୍ୟାଚ୍ ଆଇଏଏସ୍ ବିନୋଦ କୁମାରଙ୍କ ବିରୁଦ୍ଧରେ ୨୭ଟି ଦୁର୍ନୀତି ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ରାଜ୍ୟ ସରକାର ତାଙ୍କୁ ୨୦୨୨ ମସିହାରେ ବାଧ୍ୟତାମୂଳକ ଅବସର ଦେଇଥିଲେ। ସେ ଓଏଚଆରଡିସିର ପରିଚାଳନା ନିର୍ଦ୍ଦେଶକ ପଦବୀରେ ଥିବାବେଳେ ୨୦୦୦-୦୧ ମସିହାରେ ବେଆଇନ ଭାବେ ୩୩.୩୪କୋଟି ଟଙ୍କା ବିଭିନ୍ନ ବିଲଡର ଓ ଠିକାଦାରଙ୍କୁ ଅନୁମୋଦନ କରିଥିବା ଅଭିଯୋଗ ହୁଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିକଶିତ କୃଷି, ବିକଶିତ ଭାରତ...

କୃଷି ଆମ ସଭ୍ୟତା ଓ ସଂସ୍କୃତ ସହିତ ଓତପ୍ରୋତ ଭାବରେ ଜଡ଼ିତ। କୃଷି ବିନା ପୃଥିବୀ ପୃଷ୍ଠରେ ମାନବ ସଭ୍ୟତା ତିଷ୍ଠିବା ଅସମ୍ଭବ। ଆଜି ଯଦି ମଣିଷ ପ୍ରାଣିଜଗତ ମଧ୍ୟରେ ଶ୍ରେଷ୍ଠ ହୋଇପାରିଛି, ତାହା ହେଉଛି କୃଷି ଓ କୃଷକର ଅବଦାନ। ଆଜିପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ମଣିଷ ଛଡ଼ା ଅନ୍ୟକୌଣସି ପ୍ରାଣୀ ନିଜେ ନିଜର ଖାଦ୍ୟ ପ୍ରସ୍ତୁତି କରି ଶିଖି ନାହାନ୍ତି। ତୃଣଭୋଜି ପ୍ରାଣୀ ଏବେ ବି ପ୍ରକୃତିପୃଷ୍ଠର ତୃଣ ଖାଇ ବଞ୍ଚୁଥିବା ବେଳେ ମାସଂହାରି ପ୍ରାଣୀ ଖାଦ୍ୟ ଶୃଙ୍ଖଳାରେ ବଞ୍ଚି ରହିଛି। ମଣିଷ ବଞ୍ଚିବାର ଯେଉଁ ଚାରୋଟି ମୌଳିକ ପଦାର୍ଥ ଆବଶ୍ୟକ ରହିଛି, ସେଥିମଧ୍ୟରୁ ଗୋଟିଏ ମୁଖ୍ୟ ଆବଶ୍ୟକତା ହେଉଛି 'ଖାଦ୍ୟ'। ଏହା କୃଷିରୁ ହିଁ ମିଳିଥାଏ। ସେହି ଖାଦ୍ୟ ଯୋଗାଇ ଦେଇଥାଏ କୃଷକ ଭାଇ, ଯାହାଙ୍କୁ ଆମେ 'ଅନ୍ନଦାତା' ଭାବେ ସମ୍ବୋଧିତ କରିଥାଉ। ଅନ୍ନଦାତା କୃଷକ ଭାଇମାନଙ୍କ ଅବିରତ ଖାଦ୍ୟଶସ୍ୟ ଉତ୍ପାଦନ ଓ ଯୋଗାଣ ଏବଂ ଦେଶର ସାମଗ୍ରିକ ଘରୋଇ ଉତ୍ପାଦନରେ ଅବଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂହଙ୍କ ଜନ୍ମଦିବସକୁ ପ୍ରତିବର୍ଷ ଆମଦେଶରେ କୃଷକ ଦିବସ ଭାବରେ ପାଳନ କରାଯାଉଛି। କୃଷି ଓ କୃଷକର ବିକାଶ ପାଇଁ ଚୌଧୁରୀ ଚରଣ ସିଂହଙ୍କ ଅବଦାନ ଅତୁଳନୀୟ। ସେ ଭଲଭାବରେ ବୁଝିଥିଲେ ଯେ କୃଷକମାନଙ୍କ ବିକାଶ ବିନା ମାନବ ସମାଜର ବିକାଶ କଳ୍ପନା କରାଯାଇ ନ ପାରେ। କୃଷକମାନଙ୍କୁ ଚାଷ ଜମିର ମାଲିକାନା ସ୍ୱତ୍ୱ ପ୍ରଦାନ ପାଇଁ ସେ ପ୍ରଥମ ଜମିଜମା ସଂସ୍କାର ଆଣିଥିଲେ। ସେ ଗ୍ରାମୀଣ ବିକାଶ ସହିତ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ଆଜିର କୃଷି ଆଉ ସେ ସମୟର ପାରମ୍ପରିକ କୃଷି ହୋଇ ରହିନାହିଁ। ଖାଦ୍ୟ ପାଇଁ କୃଷି ଆଜି ବୃତ୍ତିରେ ପରିଣତ ହୋଇଛି। ବହୁ ଉଚ୍ଚଶିକ୍ଷିତ ଯୁବକଯୁବତୀ କୃଷିକୁ ବୃତ୍ତି ଭାବରେ ଗ୍ରହଣ କରିଛନ୍ତି। ୧୯୬୦ ଦଶକର ଦୁର୍ଭିକ୍ଷ ଓ ଖାଦ୍ୟାଭାବ ଜନିତ ଗଣମୃତ୍ୟୁ ଘଟଣା ପରେ ଆମ ଦେଶରେ ଆରମ୍ଭ ହୋଇଥଲା 'ସବୁଜ ବିପ୍ଳବ'। ଏହାର କର୍ଣ୍ଣଧାର ଥିଲେ ଭାରତରତ୍ନ ଏମ.ଏସ୍. ସ୍ୱାମୀନାଥନ। ରୋଗ/ପୋକ ପ୍ରତିଷେଧକ ଅଧିକ ଅମଳକ୍ଷମ ବିହନ ଉଦ୍ଭାବନ ଏବଂ ରାସାୟନିକ ସାରର ପ୍ରୟୋଗ ଫଳରେ ଦେଶରେ ବଢ଼ିଥିଲା ଖାଦ୍ୟଶସ୍ୟ ଉତ୍ପାଦନ। ଆମକୁ ଆଉ ନିର୍ଭର କରିବାକୁ ପଡ଼ି ନ ଥିଲା ଆମେରିକାର ପି .ଏଲ ୪୮୦ ଗହମ ବୋଝେଇ ଜାହାଜ ଉପରେ। ୧୯୯୦ ମସିହା ବେଳକୁ ଆମ ଦେଶ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ଲାଗିଲା। ଦେଶରେ ଅଧିକରୁ ଅଧିକ ଗହମ ଓ ଧାନ ଉତ୍ପାଦନ ହେଲା। ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ସହିତ ଡାଲି, ତୈଳବୀଜ ଓ ପନିପରିବା ଉତ୍ପାଦନ ମଧ ବଢ଼ିଲା। ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଲା ଦେଶ, ଯେଉଁଥିରେ ରହିଥିଲା କୃଷକ ଭାଇଭଉଣୀମାନଙ୍କର ଅତୁଳନୀୟ ଅବଦାନ। ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ କୃଷକ ଭାଇଭଉଣୀମାନଙ୍କୁ ବାଧ କରିଥିଲା ଆଧୁନିକ କୃଷିକୁ ଆପଣାଇବା ପାଇଁ। ଅଧିକ ଅମଳକ୍ଷମ ବିହନ ସହିତ ବ୍ୟବହାର କରିବାକୁ ପଡ଼ିଲା ସଙ୍କରଜାତୀୟ ବିହନ ଏବଂ ଆପଣେଇବାକୁ ପଡ଼ିଥିଲା ଯାନ୍ତ୍ରିକ କୃଷି। ଏହାଫଳରେ ଦେଶରେ ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ଦ୍ୱିଗୁଣିତ ହୋଇଥିଲା। ଏଥିସହିତ ତାଳଦେଇ ବଢ଼ିଥିଲା ଦେଶର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ପାଳନ। କୃଷକ ଭାଇଭଉଣୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ଉଦ୍ୟମ ବଳରେ ଆଜି ଆମ ଦେଶ ଖାଦ୍ୟ ଶସ୍ୟ ଉତ୍ପାଦନରେ ବଳକା ଦେଶ ହୋଇପାରିଛି। ଏବେ ଭାରତ ଅନ୍ୟ ଦେଶକୁ ଖାଦ୍ୟଶସ୍ୟ ରପ୍ତାନୀ କରୁଛି। ଏଥିପାଇଁ ଦେଶରେ ବୃଦ୍ଧି ପାଉଛି ବିଦେଶୀ ମୁଦ୍ରାର ପରିମାଣ। ଦେଶର ସାମଗ୍ରିକ ଘରୋଇ ଉତ୍ପାଦନକୁ କୃଷି ଓ କୃଷକର ଅବଦାନ ମଧ ଅତୁଳନୀୟ। ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ବିଶ୍ୱରେ ଦେଖା ଦେଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ କୋଭିଡ-୧୯ ଭଳି ମହାମାରୀର ଆର୍ଥିକ କୁପ୍ରଭାବକୁ ଆମେ ଅକ୍ଳେଶରେ ସାମ୍ନା କରିପାରିଲୁ। ଏହାର କୌଣସି ପ୍ରଭାବ ଆମ ଦେଶ ଉପରେ ପଡ଼ି ନ ଥିଲା। ଦେଶର ଅର୍ଥନୈତିକ ଅଭିବୃଦ୍ଧି ପୂର୍ବଭଳି ବଳବତ୍ତର ରହିଥିଲା। ଆଜି ଆମ ଦେଶର ଆର୍ଥିକସ୍ଥିତି ଦିନକୁ ଦିନ ମଜଭୂତ ହେବାରେ ଲାଗିଛି। ଆମ ଦେଶ ଆଜି ବିଶ୍ୱର ୫ମ ବୃହତ ଅର୍ଥନୀତିରେ ପହଞ୍ଚିଛି। କୃଷକ ଭାଇଭଉଣୀମାନଙ୍କ ପାଇଁ ଆଜି ଆମ ଦେଶରେ ଗତ ଏକଦଶନ୍ଧି ଧରି ସଫଳତାର ସହିତ କାର୍ଯ୍ୟକାରୀ ହେଉଛି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍। ଏହି ଆଇନ୍ ବଳରେ ଆଜି ଆଉ କାହାରିକୁ ଉପାସ ରହିବାକୁ ପଡୁନାହିଁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦେଶର ପ୍ରାୟ ୭୦ ଭାଗ ଜନସାଧାରଣଙ୍କୁ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଇଛି। ଏହି ଖାଦ୍ୟ ଶସ୍ୟକୁ ସରକାର ଚାଷୀଭାଇମାନଙ୍କଠାରୁ ମଣ୍ଡି ମାଧମରେ କିଣି ଏହାକୁ ଜନସାଧାରଣକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧମରେ ଯୋଗାଇ ଦେଉଛନ୍ତି। ଯାହାଫଳରେ କୃଷକ ଭାଇଭଉଣୀମାନଙ୍କୁ ତାଙ୍କ କୃଷି ଉତ୍ପାଦକୁ ବିକ୍ରି କରିବା ପାଇଁ ସୁବିଧା ହେଉଛି। ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବାରେ ସହାୟକ ହୋଇପାରିଛି। ପ୍ରାକୃତିକ ଦୁର୍ବିପାକରେ ହେଉଥିବା କୃଷକର କ୍ଷତିଭରଣା କରୁଛି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା। ବାତ୍ୟା, ବନ୍ୟା, ମରୁଡ଼ି ଓ ଅଦିନିଆ ବର୍ଷାରେ ଫସଲହାନି ହେଲେ ଚାଷୀଙ୍କୁ ମିଳୁଛି କ୍ଷତିପୂରଣ। ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଆଣି ଦେଇଛି କୃଷକମାନଙ୍କ ପାଇଁ ବଡ଼ ସମସ୍ୟା। ଏଥିସହିତ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଦ୍ୱାରା ବିଶ୍ୱ ବଜାରରେ ବଢ଼ିଛି କୃଷିଜାତ ଦ୍ରବ୍ୟ ବିକ୍ରିବଟାର ପ୍ରତିଯୋଗିତା। ଏହାକୁ ଆଖିଆଗରେ ରଖି ସରକାର ଜାତୀୟ କୃଷି ଖସଡ଼ା ପ୍ରସ୍ତୁତ କରିବା ଆବଶ୍ୟକ, ଯାହାଦ୍ୱାରା କୃଷକମାନଙ୍କ ରୋଜଗାରକୁ ବହୁଗୁଣିତ କରାଯାଇପାରିବ। କୃଷି ଓ କୃଷକର ବିକାଶରେ ନିର୍ଭର କରୁଛି ଦେଶର ବିକାଶ। ବିକଶିତ କୃଷକ ହିଁ ଯୋଗାଇବ ଉତ୍କୃଷ୍ଟ ଖାଦ୍ୟ ଶସ୍ୟ। ତେବେ ଯାଇ ପ୍ରତ୍ୟେକ ଭାରତୀୟ ହେବେ ସୁସ୍ଥ ଏବଂ ସମୃଦ୍ଧ।

# ଅଯୋଗ୍ୟ ପଦାଧିକାରୀଙ୍କୁ ବିତାଡିତ କରାଯିବା ଆବଶ୍ୟକ



## ପଙ୍କଜ କୁମାର ପାଣିଗ୍ରାହୀ

ଦେଶ ତଥା ରାଜ୍ୟ ଗୁଡିକର ପ୍ରଶାସନିକ କ୍ଷେତ୍ରରେ ନିୟୋଜିତ ଲକ୍ଷ ଲକ୍ଷ ସରକାରୀ ପଦାଧିକାରୀ / ଚାକିରିଆଙ୍କୁ ସର୍ବସାଧାରଣ ଅର୍ଥରୁ ଯଥେଷ୍ଟ ମାତ୍ରାରେ ଦରମା ଦିଆଯାଇଥାଏ କେବଳ ସେମାନଙ୍କ ଦାୟିତ୍ୱବୋଧତା କାରଣରୁ ଯେ ସେମାନେ ପ୍ରତ୍ୟେକ ସୋପାନର କାର୍ଯ୍ୟ ଗୁଡିକ ସାମ୍ବିଧାନିକ ଆଇନ ତଥା ସରକାରୀ ଚାକିରୀ ନିୟମାବଳୀକୁ ଆଧାର କରି ନିଜର ଦାଇତ୍ୱ ତୁଲାଇବେ। ଆଇନ କାନୁନ ନଜାଣି କିମ୍ବା ସବୁ ଜାଣିଶୁଣି ବେଆଇନ କାର୍ଯ୍ୟ କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି କରିବା ଅର୍ଥାତ ସେ ଜଣେ ପଦାଧିକାରୀ ପଦବାଚ୍ୟ ନହେବା ଆବଶ୍ୟକ। ସେହିଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ଅଧିକାରୀ ପଦରୁ ବହିଷ୍କାର କରି ବିତାଡିତ କରାଯିବା ଅନିବାର୍ଯ୍ୟ ଆବଶ୍ୟକ।

ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ସରକାରୀ ପଦାଧିକାରୀ ମାନେ କେତେବେଳେ ଅଜ୍ଞାନତା, ଆଇନ କାନୁନ ବିଷୟରେ ଅନଭିଜ୍ଞତା, ବ୍ୟକ୍ତିଗତ ଆଗ୍ରହ, ଆର୍ଥିକ ଲାଞ୍ଚ ଆଶା କରି ନପାଇବା, ବ୍ୟକ୍ତିଗତ ଆକ୍ରୋଶ ହେଉ କିମ୍ବା ଆତ୍ମ ଅହଙ୍କାର ଜନିତ ଅଧସ୍ତନ କର୍ମଚାରୀ କିମ୍ବା ଜନସାଧାରଣଙ୍କୁ ବ୍ୟାପକ କ୍ଷତି ପହଞ୍ଚାଇ ଥା'ନ୍ତି। ଭାରତୀୟ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି ସେମାନେ ନିଜ ଇଚ୍ଛା ମୁତାବକ ଅନେକ ଅକର୍ତ୍ତବ୍ୟ ତଥା ବେଖାତିରି ଭାବେ ଅନୈତିକ କାର୍ଯ୍ୟ କରିଥା'ନ୍ତି ଯାହା ଦ୍ୱାରା ସାଧାରଣ ଲୋକେ ଆଶାତୀତ କ୍ଷତିରେ ପଡୁଛନ୍ତି। ଏମିତିକି ଅନେକ ସମୟରେ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା କ୍ଷତି ହେଉଛି ସେହିଭଳି ପଦାଧିକାରୀଙ୍କ ମନମାନୀ କାର୍ଯ୍ୟ କଳାପ କାରଣରୁ। ସେମାନଙ୍କ ଦାଇତ୍ୱ ଭୁଲି ଯାଇ ଆଇନର ସୀମାରେଖା ପାର କରି କରୁଥିବା ସ୍ୱେଚ୍ଛାଚାରୀ କାର୍ଯ୍ୟ ହେତୁ ବ୍ୟାପକ କ୍ଷତି ହେଉଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ ଏହିଭଳି ଅସଂଖ୍ୟ ଘଟଣାର ଉଦୟମାନ ହେଉଛି ପ୍ରାୟତଃ ଅନେକ ସମୟରେ। ନିକଟ ଅତୀତରେ ତା. ୨୨.୧୨.୨୪ରେ ଦୈନିକ ଖବର କାଗଜ ସମାଜରେ ପ୍ରକାଶିତ ମୟୁରଭଞ୍ଜ ଡ଼ି.ଇ.ଓଙ୍କ କାର୍ଯ୍ୟର ନମୁନା ଦେଖିଲେ ଜାଣିହେବ ଯେ ଏମିତି ଆହୁରି ଅନେକ ଉଦାହରଣ ମିଳିବ ଆଜି ସମୟରେ ରାଜ୍ୟବ୍ୟାପୀ ବିଭିନ୍ନ ବିଭାଗରେ।

କିଛି ଉଦାହରଣ ନେଇ ଦେଖିଲେ ଜାଣିହେବ ଯେ ଜଣେ ପଦାଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଠାରୁ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ଲାଞ୍ଚ ଆଶା କରି ନପାଇବା ପରେ ଯଥେଷ୍ଟ ପ୍ରମାଣ ନଥାଇ ମଧ ବିଭିନ୍ନ ଆଳରେ ତାଙ୍କୁ ନିଲମ୍ବନ କରୁଛନ୍ତି। ବେଳେ ବେଳେ ଚାକିରିରୁ ବହିଷ୍କାର ମଧ କରିଦେଉଛନ୍ତି! ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନିରୀହ ଚାକିରିଆ ଜଣକ ମାନ୍ୟବର ନ୍ୟାୟାଳୟଙ୍କ ଆଶ୍ରୟ ନେଇ ବହୁ ବର୍ଷ ପରେ ଚାକିରୀରେ ପୁନଃ ପ୍ରବିଷ୍ଟ ହେବା ସହିତ ସେହି ସମୟ ଗୁଡିକର ସମସ୍ତ ଦରମା ପାଉଛନ୍ତି କାର୍ଯ୍ୟ ନକରି। ଏହା ସରକାରୀ ଅର୍ଥରୁ ଦିଆଯାଉଥିବା ବେଳେ ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ମାନସିକ ଯନ୍ତ୍ରଣା ତଥା ସାମାଜିକ କ୍ଷତି ପୂରଣ କରାଯାଇ ଥାଏ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଯିଏ କ୍ଷମତାର ଅପବ୍ୟବହାର କରି କରିଥା'ନ୍ତି ସେହି ବେନିୟମ କାର୍ଯ୍ୟ। ଦେଖିବାକୁ ମିଳୁଛି ଯେ ଜଣେ ଉଚ୍ଚ ସ୍ତରୀୟ ଅଧିକାରୀ ନିଜର ଆଗ୍ରହକୁ ଚରିତାର୍ଥ କରିବା ପାଇଁ ସାମ୍ବିଧାନିକ ଆଇନର ଅପବ୍ୟବହାର କରିବେ ଆଉ ସରକାର ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ଠାରୁ କୌଣସି କାର୍ଯ୍ୟ ହାସଲ ନକରି ନ୍ୟାୟାଳୟରେ ଫଇସଲା ନହେବା ପର୍ଯ୍ୟନ୍ତ ଘରେ ବସାଇ ମାନ୍ୟବର ନ୍ୟାୟମୂର୍ତ୍ତିଙ୍କ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ବର୍ଷ ବର୍ଷର ଦରମା ଦେବେ! କାହିଁକି ?

ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ଏହାକି ଯେ ଯେହେତୁ ପଦାଧିକାରୀ ମାନେ ଉଚ୍ଚ ଶିକ୍ଷିତ ଓ ଜ୍ଞାନ ସମ୍ପନ୍ନ ହୋଇଥିବା କାରଣରୁ ସେମାନଙ୍କୁ ଉଚ୍ଚ ସ୍ଥାନିତ କରାଯାଉ ଅଛି ଏବଂ ତଦନୁଯାୟୀ ସେମାନଙ୍କ ଦରମା ମଧ ଉଚ୍ଚ ଆକାରରେ ପ୍ରଦାନ କରାଯାଉ ଅଛି ତେଣୁ ଯେକୌଣସି ବ୍ୟତିକ୍ରମ ପାଇଁ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ସମସ୍ତ ଆର୍ଥିକ ଦେୟ, ଦରମା ତଥା କ୍ଷତି ପୁରଣ କେବଳ ସେମାନଙ୍କ ଠାରୁ ହିଁ ଆଦାୟ କରାଯିବା ବିଧେୟ। ପୁନର୍ବାର ସେମାନଙ୍କ ଏତାଦୃଶ କାର୍ଯ୍ୟକଳାପ ହେତୁ ନିରୀହ ଲୋକଙ୍କ କ୍ଷତି ସହିତ ସରକାରୀ କଳର ବ୍ୟାପକ କ୍ଷତି / ଅସୁବିଧା / ଅପମାନ ତଥା ଗଣତନ୍ତ୍ରର ଅମର୍ଯ୍ୟାଦା ହେଉଥିବା କାରଣରୁ ସେମାନଙ୍କୁ କଠୋର ଶାସ୍ତି ଦେବା ସହିତ ଚାକିରିରୁ ବହିଷ୍କାର କରାଯିବା ମଧ ବିଧେୟ! କାରଣ ସେମାନେ ସ୍ୱର୍ଗରୁ ଅନୁମୋଦନ କରି ଆଣି ନାହାନ୍ତି ଯେ ସେମାନେ ଯାହା କଲେ ମଧ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ! ଏବଂ ସେମାନଙ୍କ କାର୍ଯ୍ୟକଳାପ / ନିଷ୍ପତ୍ତି ହିଁ ଶେଷ! ଅଦ୍ୟାବଧି ସେମାନଙ୍କ ପାଇଁ ରହିଥିବା ଦଣ୍ଡ ବିଧାନ ଆଇନ ଗୁଡିକ ବ୍ରିଟିଶ୍‌ର କୋହଳ ନୀତି ଆଧାରିତ ହୋଇଥିବା କାରଣରୁ ପ୍ରାୟତଃ କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ତେଣୁ ସରକାର ଏଥି ପ୍ରତି ସଚେତନ ହୋଇ ପ୍ରକୃତ ଗଣତାନ୍ତ୍ରିକ ପଦ୍ଧତିରେ ସର୍ବଜନ ସମାନ ନୀତିରେ ସେମାନଙ୍କ ପାଇଁ ମଧ କଠୋର ଆଇନ ଆଣିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ।

ଚାକୀରିଆଙ୍କ କ୍ଷେତ୍ରରେ ସରକାରୀ ତହବିଲରୁ କ୍ଷତି ହେଉଥିବା ବେଳେ ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କେତେକ ପଦାଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ମଧ ବ୍ୟାପକ କ୍ଷତି / ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ସାଧାରଣ ଲୋକକୁ ସରକାରୀ ପଦାଧିକାରୀ ବ୍ରିଟିଶ୍‌ର ବଡ଼ଲାଟ ସଦୃଶ୍ୟ ନିଜ ପାଦ ତଳର ଚାକର ଭଳି ଆଚରଣ କରିବା ସହିତ ସେମାନଙ୍କୁ ବ୍ୟାପକ ଅସୁବିଧା ତଥା କ୍ଷତିରେ ପକାଉଥିବା ଉଦାହରଣ କିଛି କମ୍ ଦେଖିବାକୁ ମିଳୁନାହିଁ ଆମ ସମାଜରେ। ଉଦାହରଣ ସ୍ୱରୂପ ଜଣେ ଲୋକ ତାର ଜମି ଚିହ୍ନଟ କଲେ ବିକ୍ରି କରି ଝିଅ ବାହାଘର କରିବ କିମ୍ବା ପାରିବାରିକ ଜରୁରୀ କାଳୀନ ସାଙ୍ଘାତିକ ରୋଗ ଚିକିତ୍ସା କରିବା ହେଉ କି ଅନ୍ୟାନ୍ୟ କୌଣସି ଅସୁବିଧାର ମୁକାବିଲା କରିବା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ବ୍ୟାକୁଳତା ପ୍ରଦର୍ଶନ କରୁଥିବ! ଠିକଣା ସମୟରେ ସମ୍ପୃକ୍ତ ରାଜସ୍ୱ ବିଭାଗୀୟ ପଦାଧିକାରୀ ମାନେ ତା'ର ତଣ୍ଟି ଧରିଥାନ୍ତି! କେତେବେଳେ ବ୍ୟାପକ ଲାଞ୍ଚ ଦାବିକରି ହେଉ କିମ୍ବା ଆଉ କେତେବେଳେ ସମ୍ପୃକ୍ତ ଜମିକୁ ଜାଲିଆତି କରି ମାଫିଆଙ୍କ ହାତରେ ଟେକିଦେଇ କାନ୍ଦିଲି କିଲିବିଲି କରୁଛନ୍ତି ନିରୀହ ଜନତାଙ୍କୁ। ଅନେକ ସମୟରେ ସମ୍ପୃକ୍ତ ପୀଡିତ /ପୀଡିତା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ଅଧିକାର ସାବ୍ୟସ୍ତ କରିବା ବେଳକୁ ସେହି ଲୋକଟି ଆଉ ଜୀବନରେ ବଞ୍ଚି ନଥାଏ। ତା'ର ଉତ୍ତରାଧିକାରୀ ଙ୍କୁ ମଧ ସମୁଚିତ ନ୍ୟାୟ ମିଳିବାର କୌଣସି ନିର୍ଦ୍ଦିଷ୍ଟ ଠିକଣା ମିଳୁନାହିଁ। ଏଭଳି କ୍ଷେତ୍ରରେ ଜଣେ ନିରୀହ ସାଧାରଣ ଜନତାକୁ ତାର ନ୍ୟାୟ ଅପେକ୍ଷା କ୍ଷତିର ଭାର ଅଧିକ ହେଉଥିବା ବେଳେ ତାହା କାହାଠାରୁ ଭରଣା କରାଯାଉ ନଥିବା ଦେଖିବାକୁ ମିଳୁଛି। ହେଲେ ଏହି ପଦସ୍ଥ ଅଧିକାରୀଙ୍କ ମନମାନୀ ସ୍ୱେଚ୍ଛାଚାରୀ କାର୍ଯ୍ୟ କଳାପ ହେତୁ ନିରୀହ ଜନତା ଯେ ବ୍ୟାପକ କ୍ଷତିର ଶିକାର ହେଉଛନ୍ତି କେବଳ ସେମାନଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ। ଏହାପ୍ରତି ସରକାର ସଚେତନ ହୋଇ କଡାକଡି ଭାବେ ନିୟମ ଲାଗୁ ନକଲେ ଯେ ଏହା ଗଣତନ୍ତ୍ର ପ୍ରତି ଏକ ଉପହାସ ବ୍ୟତୀତ ଆଉ କିଛି କୁହାଯାଇ ପାରିବ ନାହିଁ।

ସେହିଭଳି ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ମନମାନୀ ହେଉ କିମ୍ବା କାରିଗରୀ କୌଶଳ ଜନିତ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟରେ କେତେବେଳେ ଅଜ୍ଞାନତା ବଶତଃ ତ ଆଉ କେତେବେଳେ ଭ୍ରଷ୍ଟାଚାର ଜନିତ କ୍ଷତି ସହିବାକୁ ପଡୁଛି ସରକାର ତଥା ଜନସାଧାରଣଙ୍କୁ ଯାହା ସମସ୍ତେ ଜାଣନ୍ତି। କହିବାକୁ ଗଲେ ଆମ ଦେଶରେ ପ୍ରାୟତଃ ଦାୟିତ୍ୱବାନ ପଦାଧିକାରୀଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନର ଅଭାବ କାରଣରୁ ସମସ୍ତେ ଏକ ରକମ ବେଖାତିରି କରି ଚଳାଉଛନ୍ତି ନିଜର ସାମ୍ରାଜ୍ୟ ଯିଏ ଯେଉଁଠାରେ ଅବସ୍ଥାପିତ ହୋଇଛନ୍ତି ସରକାରୀ କାର୍ଯ୍ୟାଳୟରେ। ସରକାର ଏଦିଗରେ ସ୍ୱତନ୍ତ୍ର ନିୟମ କଡାକଡି ଭାବେ ଲାଗୁ କରିବା ସହିତ ଯେ କୌଣସି କ୍ଷେତ୍ରରେ ସମସ୍ତ କ୍ଷତି ସମ୍ପୃକ୍ତ ପଦାଧିକାରୀଙ୍କ ଠାରୁ ଆଦାୟ କରିବା ସହିତ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଭଳି କଠୋର ନିୟମ ଲାଗୁ ନକଲେ ଯେ ଏହାର ସମାଧାନ ହେବା ଅସମ୍ଭବ! କାରଣ ପ୍ରାୟତଃ ପଦାଧିକାରୀ ମାନେ ଏକ ମିଳିତ ଗୋଷ୍ଠୀ ଭାବେ କାର୍ଯ୍ୟ କରି ଜଣେ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରି ଚଳାଉଛନ୍ତି ସେମାନଙ୍କ ଗୁପ୍ତ ରାଜତନ୍ତ୍ର ଯାହାଦ୍ୱାରା କେତେବେଳେ ସରକାରୀ ତହବିଲ ତ ଆଉ କେତେବେଳ ନିରୀହ ସାଧାରଣ ଲୋକଙ୍କ ବ୍ୟାପକ କ୍ଷତି ହେଉଥିବା ଦେଖିବାକୁ ମିଳୁଛି।

ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୁର୍ନୀତି ବା ଲାଞ୍ଚ କାରବାର ଗୁଡିକ ପ୍ରାୟତଃ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରେ ତଥା ଆଗ୍ରହରେ କାର୍ଯ୍ୟାଳୟ ସହାୟକ ହୁଅନ୍ତୁ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମାଧ୍ୟମରେ କରାଯାଇ ଥାଏ। ଯଦି କୌଣସି ସମୟରେ ଭିଜିଲାନ୍ସ କିମ୍ବା ଅନ୍ୟାନ୍ୟ କୌଣସି ଚଢ଼ାଉ ହୁଏ ତାହେଲେ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ ଅଭିଯୁକ୍ତ ସାବ୍ୟସ୍ତ ହୁଅନ୍ତି ଏବଂ ସମସ୍ତ ଦଣ୍ଡବିଧାନ ସେମାନଙ୍କ ଉପରେ ହୋଇଥାଏ। ଏହା କି'ନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥିତ ନୁହେଁ! କାରଣ ଯେହେତୁ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ନିରୀହ ବ୍ୟକ୍ତି ଏବଂ ସମ୍ପୃକ୍ତ ଅଧିକାରୀ ସେମାନଙ୍କ ଉପରେ ଚାପ ପକାଇ ସେହି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରୁଛନ୍ତି ତେଣୁ କୌଣସି କାର୍ଯ୍ୟାଳୟରେ ଯଦି ଦୁର୍ନୀତିର ଗନ୍ଧ ବାହାରେ ତାହେଲେ ସମ୍ପୃକ୍ତ ଅଧିକାରୀ ହିଁ ୧୦୦ ପ୍ରତିଶତ ଦୋଷୀ ସାବ୍ୟସ୍ତ ହେବା ଏକାନ୍ତ ଆବଶ୍ୟକ। ତାଙ୍କୁ ସେହି କାର୍ଯ୍ୟାଳୟର ସମସ୍ତ ଦାଇତ୍ୱ ଦିଆଯାଇ ଥିବା ହେତୁ ସେହି କାର୍ଯ୍ୟାଳୟର ସମସ୍ତ ଭଲ ମନ୍ଦ ପାଇଁ କେବଳ ସମ୍ପୃକ୍ତ ଅଧିକାରୀ ହିଁ ଦାୟୀ ରହିବେ ବୋଲି ଘୋଷଣା କରାଗଲେ ଖୁବ୍ କମ୍ ସମୟରେ ଦୁର୍ନୀତି ଦୂର କରାଯାଇ ପାରିବ। ଏଥି ପ୍ରତି ସରକାର ସଚେତନ ହୋଇ ଠିକଣା ନିୟମ ଜାରି କଲେ ଯେ ଆମ ଦେଶ ଅନେକାଂଶରେ ଦୁର୍ନୀତି ମୁକ୍ତ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ।

ଯଥା ଶୀଘ୍ର ପଦାଧିକାରୀ ମାନଙ୍କ ପାଇଁ ସର୍ବ ସମାନ ଗଣତାନ୍ତ୍ରିକ ପଦ୍ଧତିରେ କଡା ନିୟମ ଜାରି କରାଯିବା ସହିତ ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ କଡା ନଜର ରଖି ଅବିଳମ୍ବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ନିୟମ କରାଗଲେ ସମାଜର ମଙ୍ଗଳ ସାଧିତ ହୋଇ ପାରିବ। ଅନ୍ତତଃ ପକ୍ଷେ ଦ୍ୱିତୀୟ ଶ୍ରେଣୀ ଏବଂ ତାହାଠାରୁ ଉର୍ଦ୍ଧରେ ରହିଥିବା ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବା ବିଧେୟ। କାରଣ ସେମାନେ ଗୋଟିଏ ଗୋଟିଏ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତ ହୋଇଥା'ନ୍ତି ଯାହାଙ୍କ ସମସ୍ତ ଦାଇତ୍ୱ ରହିଥାଏ ସରକାରୀ ଆଇନ କାନୁନକୁ ନିୟନ୍ତ୍ରଣ କରିବା ପାଇଁ। ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ ଠିକଣା ଅଙ୍କୁଶ ଚାରଣ କରାନଗଲେ ବ୍ରିଟିଶ ଶାସନ ସମୟରେ ଅଧିକାରୀଙ୍କ କ୍ଷମତା ରାଜ ଚଳାଇ ଲୋକଙ୍କୁ କ୍ରିତଦାସ ଭଳି ରଖିଥିବା ଜୁଲୁମରାଜ ଯେ କେବେହେଲେ ସମାପ୍ତ ହେବ ନାହିଁ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ରହିଛି ସେଇଥିରେ କୌଣସି ସନ୍ଦେହ ନାହିଁ!

ଧନ୍ୟବାଦ

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭

# ଉଜୁଡ଼ିଯାଉଛି ସବୁଜିମା



## ଡ଼ଃ.ଅରୁନ୍ଧତୀ ଦେବୀ

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ପ୍ରଭାବ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପଡ଼ିବା ଆରମ୍ଭ କଲାଣି। ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ବିକାଶ ନାଁରେ ଏହି ପ୍ରାକୃତିକ ସମ୍ପଦ ଉଜୁଡ଼ି ଯାଉଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜଙ୍ଗଲ ସଫା ହେଉଥିବାରୁ ରାଜ୍ୟକୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ ବଢ଼ି ଚାଲିଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଏହି ପ୍ରାକୃତିକ ସମ୍ପଦ ପଦା ହେବା ସହ ଆଗାମୀ ଦିନରେ ବିପଦ ଆହୁରି ଘନେଇ ବୋଲି ପରିବେଶବିତ ମାନେ ଚେତାବନୀ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୨୩୧୦୭,୩୩୫ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରାଯାଇଛି। ଏଥିସହ ପ୍ରାୟ ୧୦ ଲକ୍ଷ ବୃକ୍ଷ କଟାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାରେ ଭାଜପା ସଭ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିମନ୍ତେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବନ ସଂରକ୍ଷଣ ଓ ସମ୍ବର୍ଦ୍ଧନା ଆଇନ, ୧୯୮୦ରେ ଧାରା (୨) ଅନୁଯାୟୀ ଜଙ୍ଗଲ ଜମିକୁ ବିଭିନ୍ନ ଅଣଜଙ୍ଗଲ କାର୍ଯ୍ୟ ଉଦ୍ଦେଶ୍ୟରେ ଅପସାରଣ ନିମନ୍ତେ ଅନୁମୋଦନ ପ୍ରଦାନ କରିଛନ୍ତି। ଉପରୋକ୍ତ ଆଇନର ବ୍ୟବସ୍ଥା ଅନୁଯାୟୀ ଅପସାରିତ ହୋଇଥିବା ଜଙ୍ଗଲ ଜମିର ସମପରିମାଣ ଅଣଜଙ୍ଗଲ ଜମିରେ କିମ୍ବା ଦୁଇଗୁଣା ଉଜୁଡ଼ା ଜଙ୍ଗଲ ଜମିର କ୍ଷତିପୂରକ ବନୀକରଣ କରାଯିବାର ନିୟମ ରହିଛି।

ବିଗତ ଦଶ ବର୍ଷରେ ୨୦୧୪-୨୦୨୪ ଶିକ୍ଷାନୁଷ୍ଠାନ, ଖଣିଖାଦାନ, ନଦୀବନ୍ଧ, ସରକାରୀ ଓ ଘରୋଇ କୋଠାବାଡ଼ି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୨୩୧୦୭,୩୩୫ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି, ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଛନ୍ତି। ଏହାର କ୍ଷତି ପୂରଣ ନିମନ୍ତେ ୨୦୨୩ ଜାନୁୟାରୀ ସୁଦ୍ଧା ୩୨୧୯୮.୬୧୫ ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଅଛି। ଆସନ୍ତା ବର୍ଷଗୁଡ଼ିକରେ ବାକିଥିବା କ୍ଷତିପୂରକ ବନୀକରଣ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ବିଗତ ବର୍ଷଗୁଡ଼ିକରେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। ଏଥିସହିତ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ବୃକ୍ଷକୁ ବଳି ଦେବାକୁ ପଡ଼ିଛି। ୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ତେବେ ଯେତେ ସଂଖ୍ୟକ ଗଛ କଟାଯାଉଛି ସେହି ପରିମାଣରେ ବୃକ୍ଷରୋପଣ ହେଉନାହିଁ। ଯେଉଁ ବୃକ୍ଷରୋପଣ ହେଉଛି ସେଥିରୁ ଅଧିକାଂଶ ରକ୍ଷଣାବେକ୍ଷଣ ଅଭାବରୁ ଅଣଜଙ୍ଗଲ ଅଞ୍ଚଳରେ ଗୋଟଇଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ଼ଲାଇନ ରହିଛି। ଏହାକୁ ଠିକ ଭାବେ ଅନୁସରଣ କରାଯାଉ ନଥିବାରୁ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, ଭୁବନେଶ୍ୱର, କଟକ ଜାତୀୟ ରାଜପଥ ହେଉ କିମ୍ବା ସହର ଭିତରେ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଏହା ବଦଳରେ ସେତିକି ପରିମାଣ ଗଛ ନଥିବାରୁ ସହରରେ ତାପମାତ୍ରା ବଢ଼ିବା ସାଙ୍ଗକୁ ପରିବେଶ ଉତ୍ତପ୍ତ ହେଉଛି। ଏହି କାରଣରୁ ଅନେକ ପଶୁପକ୍ଷୀ ମଧ ଲୋପ ପାଇଗଲେଣି। ବୃକ୍ଷରୋପଣ ଉପରେ ସବୁ ସ୍ତରରେ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦




## କଳା ଓ କଳଙ୍କ

### ସୁଧାକର ରାଉତ



କଳଙ୍କକୁ ନେଇ ବଞ୍ଚିଛି ଜୀବନେ
ନ ପାରୁଛି ତାକୁ ଛାଡି
ଦୁଆତ ଅପୂର୍ଣ୍ଣ ରହିଯିବ ପରା
କାଳିସବୁ ଗଲେ ଉଡ଼ି ।

ମଳା ଜହ୍ନରେ ବି ଆଲୋକ ବିହୁଡି
ଜଳୁଥିଲା ଯାକୁ ଚାହିଁ
ସେ ଯଦି କଳଙ୍କ ଲଗାଇଲା ତାରେ
କି ଲାଭ ବା କା'କୁ କହି ।

କଳଙ୍କକୁ କଳା ବୋଲି ଧରିଥିଲି
ଧରିଥିବି କାଳ ଯାକ
ସେଥିରେ ମୁଁ ମୋର ଦେଖେ ପ୍ରତିବିମ୍ବ
ସିଏ ରଖିଛି ମୋ ଟେକ ।

କଳଙ୍କ ପସରା ମଥାରେ ବୋହି ମୁଁ
ଶୁଣାଏ ବେସୁରା ଗୀତ
କିଏ ଲଭେ ଭୋଗ କିଏ ବାଛେ
ରାଗ
କିଏ ହୁଏ ତାର ମିତ ।

କଳଙ୍କିତ ରାତି ନିଶାଗ୍ରସ୍ତ କରେ
ତା ସଙ୍ଗେ ମୁଁ ଯାଏ ମଜି
କଳଙ୍କର ରଙ୍ଗ ଦେହେ ନେସି ଦିଏ
ଯାଏ ମୁଁ ତହିଁରେ ଭିଜି ।

ସମର୍ପିତ ହୋଇ ସେ କଳଙ୍କ ପାଶେ
ଖୋଜୁଥାଏ ଲୁପ୍ତ କଳା
ତାରି ଭରସାରେ ମରଣ ମୁହଁରେ
ଜୀବନ ହୁଅଇ ବୋଳା ।

କଳାର ମାୟାରେ ଭୁଲିଛି ନିଜକୁ
ପିନ୍ଧି କଳଙ୍କର ଟୀକା
ସେଇ ଏକା ବୁଝେ ଅନ୍ତର ବେଦନା
ସବୁଜିମାରେ ଯେ ଫିକା ।

କଳଙ୍କର ଫୁଲ ଶେଯରେ ଶୋଇବି
କଣ୍ଟକ ଯନ୍ତ୍ରଣା ସହି
ଅମାବାସ୍ୟାରେ ବି ପୂର୍ଣ୍ଣିମା ଲଗ୍ନର
କିରଣରେ ମନ ମୋହି ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ଖ୍ରୀଷ୍ଟ ଯୀଶୁ ଜଣେ ବିପ୍ଲବୀ ଥିଲେ

### ଓଟେରି ସେଲଭା କୁମାର



ଭଲ କଥା କୁହନ୍ତୁ
ଭଲ କରୁଛନ୍ତି
ଲୋକଙ୍କ...
ପାପ ତ୍ୟାଗ କରିବାକୁ କହିଲେ
ସେହି ଯୀଶୁ
ମଣିଷ ହୋଇଥିଲେ ମଧ
ସେମାନେ କ୍ରସକୁ ନଖ ମାରିଲେ
ଏପରି ଚାପୁଡ଼ା ମାରିବା ଫଳରେ
ମଣିଷ ହେବା
କ୍ରୁସ୍ ଉପରେ ପିଟି ପିଟି ପିଟି ବା ଲାତ
ମାରିବା ଏବଂ ରକ୍ତସ୍ରାବ ହେବା ପରେ,
ଯୀଶୁ ତୃତୀୟ ଦିନରେ ଜଣେ ଭଗବାନ
ଭାବରେ ପୁନରୁଦ୍ଧାର କଲେ ...
ଲୋକମାନଙ୍କର ଭଗବାନ ଭାବରେ!!
ଏଠାରେ ଦେବୀ ଭାବରେ
ଯଦିଓ
ଜଣେ ସାଧାରଣ ଲୋକ ଭାବେ
ଜନ୍ମର ସ୍ଥିତି କ'ଣ ?
କ'ଣ ଆସିବ... ଯୀଶୁଙ୍କ ବ୍ୟତୀତ
ଏହି ଦୁନିଆରେ ଭିନ୍ନ
କୌଣସି ଉଦାହରଣ ନାହିଁ...
ଯୀଶୁ ଯିଏ ଲୋକମାନଙ୍କୁ ଭଲ
ଜିନିଷ ଆଣିବାକୁ ଆସିଥିଲେ ସେ
ପାପୀ ନଥିଲେ
ଲୋକଙ୍କ ଦୁଃଖ ପାଇଁ ଧୈର୍ଯ୍ୟ ନ
ରଖି କ୍ରୁସରେ
ଯୀଶୁ ଙ୍କ ମୃତ୍ୟୁ ଘଟିଥିଲା
ପ୍ରକୃତରେ ଜଣେ ବିପ୍ଳବୀ...
ହଁ: ଅନ୍ୟମାନଙ୍କ ପାଇଁ ଯୀଶୁ ମିଛ
ହଁ ପ୍ରକୃତରେ ଜଣେ ବିପ୍ଳବୀ...

୨୫/୧୩, ସାନ୍ଥିଆପ୍ପା ସାହି,
ଚେନ୍ନାଇ, ତାମିଲନାଡୁ
ମୋ:୯୮୪୦୩୨୬୮୪୮

# ବଡ ଦିନ

## ଧ୍ରୁବ ଚରଣ ବେହେରା

ଭାରତୀୟ ସଂସ୍କୃତିକୁ ଅନୁଶୀଳନ କଲେ ଅନେକ ରୋଚକ ତଥ୍ୟ ଆଖି ଆଗରେ ନାଚି ଉଠେ । ପବିତ୍ର ଭାରତ ଭୂମି ଆର୍ଯ୍ୟ ସଂସ୍କୃତିର ଏକ ମହାନ୍ ଦାନ କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । ଆମ ଦେଶର ସମ୍ବିଧାନ ଏକ ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥା ରେ ବନ୍ଧା । ବିଭିନ୍ନତା ମଧ୍ୟରେ ସବୁ ଧର୍ମ, ସବୁ ସଂସ୍କୃତିକୁ ସମ୍ମାନ ଦେଇ ଆସୁଥିବା ଏହି ବିଶାଳ ଭାରତ ଖଣ୍ଡ ପ୍ରତ୍ୟେକ ଧର୍ମ ଭିତରେ ଏକ ସୁ ସମନ୍ୱୟ ରକ୍ଷା କରି ବିଭିନ୍ନ ଜାତି ବର୍ଣ୍ଣ ଓ ଧର୍ମ କୁ ଏକତାର ସୁତ୍ର ରେ ବାନ୍ଧି ରଖିଛି । ଅର୍ଥାତ ବିଭିନ୍ନ ପୁଷ୍ପ ମାନଙ୍କର ସାମୁହିକ ଗୋଟିଏ ମାଳା ବୋଲି ପ୍ରତିପାଦିତ କରିଅଛି । ତେଣୁ ଅନେକ ଜାତି ଧର୍ମ ଭିତରେ ସୁ ବ୍ୟବସ୍ଥା ଓ ଭାଇଚାରା ସୃଷ୍ଟି କରି ପାରୁଥିବା ଏହି ପବିତ୍ର ଭାରତ ଭୁଖଣ୍ଡର ଗାଥାକୁ ଯେତେ ବିଶ୍ଳେଷଣ କରିବା ସେଥି ମଧ୍ୟରୁ କେବଳ ଅମୃତମୟ ଗାରିମା ସହିତ ଶାନ୍ତି ବାର୍ତ୍ତାର ଶୀତଳ ଝରଣା କୁଳୁ କୁଳୁ ସ୍ରୋତ, ପ୍ରବାହମାନ ହେଲା ପରି ମନେହେବ । ଏହି ମହାନ୍ ଭୂଖଣ୍ଡ ତା'ର ସମ୍ମାନ ପ୍ରଥା ଓ ପରମ୍ପରାକୁ ବଜାଇ ରଖି ଭାରତର ସ୍ୱାଧୀନ ହେବା ପୂର୍ବରୁ ତା'ର ଗରିମାମୟ ସ୍ଥିତିର ଧ୍ୱଜାକୁ ସଦା ସର୍ବଦା ଏକ ଅଖଣ୍ଡ ଭାରତର ମାନ୍ୟତା ଦେଇ ଆସୁଛି ।ତେଣୁ ଏଠି କହିବା ବାହୁଲ୍ୟ ଯେ 'ହିନ୍ଦୁ ମୁସଲିମ୍ ଶିଖ୍ ଓ ଇଶାଇ ଆମେ ସମସ୍ତେ ଭାଇ ଭାଇ ' ସତରେ କହିବାକୁ ଗଲେ ସମସ୍ତ ଧର୍ମକୁ ଏକାଠି କରି ସୁ ବାସ୍ନାର ମହନୀୟତାରେ ମହକିତ କରି ଭାରତୀୟ ସଂସ୍କୃତି ବେଶ୍ ମହିମାଣ୍ଡିତ କରି ପାରିଛି । ପବିତ୍ର ଭୂମି ଆର୍ଯ୍ୟ ଭୂମିର ମହନତାକୁ ବଖାଇଣିବାକୁ ଯାଇ ଆଜି ଭାରତର ସମସ୍ତ ଆବାଳ ବୃଦ୍ଧ ବନୀତାକୁ ମୋର ହୃଦୟରୁ ଗଭୀର ତମ ପ୍ରଦେଶରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଅନେକ ମହାମାନବ ଧରଣୀ କୋଳରେ ଜନ୍ମ ଗ୍ରହଣ କରି ସେମାନଙ୍କ ସାଧୁବାଣୀକୁ ପ୍ରଚାର ପସ୍ରାର କରି କାଳ ବକ୍ଷରେ ଅମର ହୋଇ ଯାଇଛନ୍ତି । କୁ ପଥଗାମୀ ମଣିଷ ମାନଙ୍କୁ ସୁ ପଥକୁ ଫେରାଇ ଆଣିବା ପାଇଁ ସେମାନଙ୍କର ସଦିଚ୍ଛା ଓ ପ୍ରେରଣାଦାୟୀ ମନୋବଳ ପାଇଁ ତାଙ୍କ ଚରଣ କମଳରେ କୋଟି ପ୍ରଣାମ । ଅନେକ ଜାତି ଓ ଭାଷାର ସମନ୍ୱେୟ ଏହି ଭାରତ ଭୂମି ରେ ଖ୍ରୀଷ୍ଟିଆନ୍ ଧର୍ମ ଓ ତା'ର ପରମ୍ପରା ଅନ୍ୟତମ । ମୋର ସମ୍ୟକ ଲେଖନୀ ମୁନରୁ ଆଜି କିଛି ଲେଖିବା ପାଇଁ ଆଗଭର ହେଲି । ମୋ ଠାରୁ ଆପଣ ମାନେ ବହୁତ ଉଚ୍ଚରେ ମୁଁ ତ ଏଠାରେ ନିମିତ ମାତ୍ର । ହିନ୍ଦୁ ଶାସ୍ତ୍ର ପବିତ୍ର ଗ୍ରନ୍ଥ ଗୀତା ରେ କୁହା ଯାଇଛି 'ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ ଭବତଃ ଭାରତ୍ ତଦାତ୍ମନ୍ ସୁଜମ୍ୟହଂ ପରିତ୍ରାଣାୟ ସାଧୁନାୟଃ । ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ' । କୁହା ଯାଇଛି ଯେ ଧରଣୀରେ ଯେବେ ପାପର ଭାର ଅଧିକ ହୋଇଯାଏ ଏହି ଅଜ୍ଞାନୀ ମଣିଷ ମାନଙ୍କ ମନରେ ବା ହୃଦୟରେ ଜ୍ଞାନର ବୀଜ ବପନ କରିବା ପାଇଁ ସ୍ୱୟଂ ପରଂବ୍ରହ୍ମ ଧରଣୀ ପୃଷ୍ଠରେ ଅବତରଣ କରି ମୂର୍ଖ ପାପୀ ମାନଙ୍କୁ କୁ ପଥରୁ ସୁ ପଥ ଆଡକୁ ଫେରାଇ ଆଣିବା ପାଇଁ ଅଗ୍ରଦୂତ ମାନଙ୍କୁ ମଧ୍ୟ ପୃଥିବୀ କୋଳରେ ଜନ୍ମ ଦେଇଥାନ୍ତି । ସେଥି ମଧ୍ୟରୁ ପ୍ରଭୁ ଯୀଶୁ ଅନ୍ୟତମ । ଯୀଶୁଙ୍କ ପିତାଙ୍କ ନାମ ଯୋଶେଫ୍ , ଗାଲିଲ ସହର ବାସିନ୍ଦା ଥିଲେ ଓ ମାତା ମେରୀୟମ୍ ନାଜରଥ ସହର ମୂଳ ବାସିନ୍ଦା ଥିଲେ । ଯୀଶୁଙ୍କର ଜନ୍ମ ରୋମ୍ ନଗରୀର ଜେରୁଜାଲେମ୍ ସହର ର ବେଥେହେଲାମ ଠାରେ ଖ୍ରୀଷ୍ଟପୂର୍ବ ୪-୬ ମଧ୍ୟରେ ହୋଇଥିଲା । ପ୍ରଭୁ ଯୀଶୁ ହେଉଛନ୍ତି ଖ୍ରୀଷ୍ଟଧର୍ମର ପୃଷ୍ଟପୋଷକତା । ତାଙ୍କ ଜନ୍ମ ବେଥେହେଲାମ୍ ସହର ର ଏକ ମେଣ୍ଢା ଶାଳରେ ଜନ୍ମ ହୋଇଥିଲା । ପ୍ରଭୁ ଯୀଶୁ ହେଉଛନ୍ତି ଭଗବାନ୍ ଙ୍କ ସନ୍ତାନ । ତାଙ୍କ ମାଆ ମେରୀ କୁଆଁରୀ ବୟସରେ ଐଶ୍ୱରିକ ଶକ୍ତିରୁ ମାଆ ହେବାର ସୁଯୋଗ ମିଳିଥିଲା ବୋଲି କୁହାଯାଏ । ଭାଗବାନଙ୍କ ଦେବ ଦୂତ ଗ୍ରୀବିଏଲ୍ ଆସି ଯୀଶୁ ଜନ୍ମ ପୂର୍ବରୁ ମେରୀ ଙ୍କୁ ସ୍ୱପ୍ନରେ ଆବିର୍ଭାବ ହୋଇ କହିଥିଲେ ମେରୀ ତୁମ କୋଳରେ ଏକ ବିସ୍ମୟ ବାଳକ ଜନ୍ମ ନେବ ଯାହା କି ଏ ପୂରା ଦୁନିଆରେ ଦିନେ ନାମ ରଖିବ ଓ ସେ ପୂରା ଦୁନିଆ ପାଇଁ ମସିହା ସାଜିବ । ଯୋଶେଫଙ୍କୁ ମଧ୍ୟ ସ୍ୱପ୍ନରେ ଦେଖା ଦେଇ ଯୀଶୁଙ୍କର ଜନ୍ମ ବୃତ୍ତାନ୍ତ ବଖାଣି ଥିଲେ । ପ୍ରଭୁ ଯୀଶୁଙ୍କୁ ତାଙ୍କ 'ମା' ମେରୀ ଯେତେବେଳେ ଜନ୍ମ ଦେଇଥିଲେ ସେହି ଆଖ ପାଖର ବାତାବରଣ ଆଲୋକମୟ ହୋଇ ଉଠିଥିଲା । ସତେ ଯେମିତି ପୃଥିବୀ ପୃଷ୍ଠରେ ଏକ ଭାଗ୍ୟର ସୂର୍ଯ୍ୟଟି ଦୀପ୍ତିମନ୍ତ ହୋଇ ହୀରା ସଦୃଶ ଜଳୁଥିଲା । ଜଣେ ଜ୍ୟୋତିଷ ଶାସ୍ତ୍ରୀ ଏଭଳି ଚମତ୍କାରିତା ଶିଶୁଙ୍କର ଜନ୍ମ ଦେଖି କହିଥିଲେ ଯେ ଏ ଶିଶୁ ଭବିଷ୍ୟତରେ ଦୁନିଆରେ ନାମ କରିବ ସେତେବେଳେ ରୋମର ଜଣେ ବିଦ୍ୱାନ, ରାଜା ହେରେଡ ଙ୍କୁ ଭବିଷ୍ୟବାଣୀ କହିଥିଲେ ଯେ ଏ ଦୁନିଆରେ ନିକଟରେ ଜଣେ ମହାନ୍ ପୁରୁଷ ଜନ୍ମ ନେବେ ଓ କୁପଥ ଗାମୀ ପାପୀ ମାନଙ୍କୁ ସୁ ପଥକୁ ଫେରାଇ ଆଣିବା ପାଇଁ ପ୍ରଯତ୍ନ କରିବେ । ଏ ସାରା ସଂସାର ରେ ତାଙ୍କର ନାମ ହେବ । ଏହା ଶୁଣି ରାଜ ହେରେଡ୍ ଆଚମ୍ଭିତ ହୋଇ ଯାଇଥିଲେ ଏବଂ ପୂରା ଦେଶରେ ଥିବା ଦୁଇ ବର୍ଷରୁ କମ୍ ବୟସ୍କ ପିଲା ମାନଙ୍କୁ ମାରିବା ପାଇଁ ଆଦେଶ ଦେଲେ । ଏହି ଖବର ପାଇ ପିତା ଯୋଶେଫ୍ ଓ ତାଙ୍କ ମାଆ ମେରୀ ଶିଶୁ ପୁତ୍ରଟିକୁ ନେଇ ଇଜିପ୍ଟ ପଳାୟନ କଲେ । ରାଜା ହେରେଡ୍ ଙ୍କ ମୃତ୍ୟୁ ପରେ ପିତା ଯୋଶେଫ୍ ଓ ମାଆ ମେରୀ ଯୀଶୁଙ୍କୁ ନେଇ ପୁଣି ଜେରୁଜେଲମ ସହରକୁ ଫେରି ଆସିଥିଲେ ।ସେତେବାଳକୁ ଯୀଶୁଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା । ଯୀଶୁ ନିଜ ପିତାଙ୍କ ସହ ଧର୍ମ ସ୍ଥାନ ପରି ଭ୍ରମଣରେ ଯିବା ପାଇଁ ବହୁତ ପସନ୍ଦ କରୁଥିଲେ ଯେଉଁଠି ଭଗବାନ୍ ଙ୍କ ଉପରେ ନୀତି ଶାସ୍ତ୍ର ପ୍ରଚାର ପ୍ରସାର ହେଉଥାଏ ସେଠାକୁ ଯାଇ ଶୁଣିବାକୁ ଭଲ ପାଉଥିଲେ । ଥରେ ରୋମ୍ ସହର ରେ ଇହୁଦୀ ଧର୍ମ ସଭାରେ ଯୋଗ ଦେଇ ଇହୁଦୀ ଗୁରୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବାପ୍ଟିଜିମ୍ ବା ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବା ପାଇଁ ମନ ବଳାଇଲେ । ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବା ପାଇଁ ହେଲେ ବାପିଷ୍ଟ ଗୁରୁ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ନଦୀରେ ସ୍ନାନ କରିବା ପରେ ସେହି ଧର୍ମରେ ସାମିଲ ହୁଅନ୍ତି କ୍ଷ ଖ୍ରୀଷ୍ଟିଆନ୍ ଧର୍ମ ତିନି ଭାଗରେ ବିଭକ୍ତ ରୋମାନ୍ କ୍ୟାଥଲିକ୍ , ପ୍ରୋଟେଷ୍ଟାଣ୍ଟ ଓ ଅର୍ଥୋଡକ୍ସ । ଦିନେ ଏକ ଧର୍ମ ସମିଳନୀରେ ସାମିଲ୍ ହୋଇ ଜୋହନ ନାମକ ଧର୍ମ ଗୁରୁଙ୍କର ପ୍ରେରଣାରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରି ।ଧୀରେ ଧୀରେ ପ୍ରଭୁ ଭଗବାନ୍ ଙ୍କ ଧର୍ମବାଣୀ ପ୍ରଚାର କଲେ ଓ ଲୋକମାନଙ୍କୁ ସୁ ଶିକ୍ଷା ପ୍ରଦାନ କଲେ । ପୂରା ରୋମରେ ସେ ପ୍ରସିଦ୍ଧ ମଧ୍ୟ ହୋଇଗଲେ । ଧର୍ମ ଗ୍ରହଣ ପରେ ଯୀଶୁ ୪୦ ଦିନ ନିରାଧାର ହୋଇ ରହିଲେ । ତାଙ୍କୁ ଅନେକ ପ୍ରକାର ଶାସ୍ତି ଦେବା ପାଇଁ ସଇତାନ ମାନେ ଚେଷ୍ଟାକଲେ ହେଲେ ଯୀଶୁ ନିଜର କର୍ତ୍ତବ୍ୟ ଏବଂ ଧୈର୍ଯ୍ୟ ହରାଇ ନଥିଲେ । ଥରେ ସେଣ୍ଟପିଟରଙ୍କର ମାଆ ବହୁତ ଅସୁସ୍ଥ ଥିଲେ ଯୀଶୁ ତାଙ୍କର ମାଆଙ୍କର ଦେହ ଛୁଇଁବା ମାତ୍ରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲେ । ଏମିତି ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ପରୋପକାର ତାଙ୍କ ଦ୍ୱାରା ଦେଖିବାକୁ ମିଳିଥିଲା ।



କହିବାକୁ ଗଲେ ଯୀଶୁ ସଦା ସର୍ବଦା କହୁଥିଲେ ଆମେ ସମସ୍ତେ ଭଗବାନଙ୍କର ସନ୍ତାନ । ତେଣୁ ଅନ୍ୟର ଉପକାର କରିବା ଆମର କର୍ତ୍ତବ୍ୟ । ଯୀଶୁ କହୁଥିଲେ ପାପକୁ ଘୃଣା କର କିନ୍ତୁ ପାପୀଙ୍କୁ ନୁହେଁ । ଧର୍ମ ମଣିଷକୁ ସୁ ପଥରେ ଚାଲିବାକୁ ଶିଖାଏ । ଯୀଶୁଙ୍କର ଚମତ୍କାରିତା ଏହି ଥିଲା କି ମୃତ ବ୍ୟକ୍ତିଙ୍କୁ ଛୁଇଁ ଦେଲେ ସେ ଜୀବିତ ହୋଇ ଯାଉଥିଲେ ।ଦିନଙ୍କର ଘଟଣା ଯୀଶୁ ନିଜର ୧୨ ଜଣ ଶିଷ୍ୟଙ୍କ ମଧ୍ୟରୁ ତିନିଜଣ ଶିଷ୍ୟ ଯଥା ପିଟର , ଜେମସ୍ ଓ ଜୋହନ୍ ଙ୍କୁ ପ୍ରଶ୍ନ କରିଥିଲେ ମୁଁ କିଏ ସେମାନଙ୍କ ମଧ୍ୟରୁ ପିଟର ନାମକ ଏକ ଶିଷ୍ୟ କହିଥିଲେ ଆପଣ ଯୀଶୁ ଖ୍ରୀଷ୍ଟ । ଖ୍ରୀଷ୍ଟ ଶବ୍ଦର ଅର୍ଥ ହେଲା ମସିହା ଯାହାକି କଲ୍ୟାଣକାରୀ ବୋଲି ବୁଝାଯାଏ । ସେହି ଦିନ ଠାରୁ ପିଟରଙ୍କୁ କ୍ୟାଥଲିକ୍ ଚର୍ଚ୍ଚର ପୋପ ବନେଇ ଦେଇଥିଲେ । କ୍ୟାଥଲିକ୍ ଚର୍ଚ୍ଚର ସର୍ବଶ୍ରେଷ୍ଠ ପଦ ହେଲା ପୋପ୍ । କୃପଣ ପରାୟଣ ହୋଇ ଯୀଶୁଙ୍କୁ ରୋମ୍ ଗଭର୍ଣ୍ଣର ସଇତାନ୍ ମାନଙ୍କ ସହାୟତାରେ ଶେଷରେ କ୍ରୁଶ ବିଦ୍ଧ କରାଇଥିଲେ । ତଥାପି ଯୀଶୁ ସେମାନଙ୍କ ପ୍ରତି ଦୟା ଭାବ ରଖି ଭଗବାନ୍ ଙ୍କ ନିକଟରେ ପ୍ରାର୍ଥନା କରିଥିଲେ ହେ ପ୍ରଭୁ ଏମାନଙ୍କୁ କ୍ଷମା କରିଦିଅ । ଏମାନେ ନିଜ କଣ କରୁଛନ୍ତି ସେମାନେ ନିଜେ ଜାଣନ୍ତି ନାହିଁ । କ୍ରୁଶ ବିଦ୍ଧ ପରେ ଯୀଶୁଙ୍କର ମୃତ ଦେହକୁ ନେଇ ଶିଷ୍ୟମାନେ କବର ଦେଇ ଦେଇଥିଲେ । ସେ ଦିନ ଥିଲା ଶୁକ୍ରବାର ଡିସେମ୍ବର ମାସର ୨୫ ତାରିଖକୁ ବଡ ଦିନ ହିସାବରେ ଖ୍ରୀଷ୍ଟିଆନ୍ ମାନେ ମାନିଥାନ୍ତି । ଯୀଶୁଙ୍କର ଧର୍ମବାଣୀର ମହତ କେବଳ ରୋମ୍ ରେ ସୀମିତ ନୁହେଁ । ଆଜି ସାରା ପୃଥିବୀରେ ପ୍ରଚାର ପ୍ରସାର ହୋଇ ଅନେକ ଲୋକ ଏହାକୁ ଗ୍ରହଣ କରିଛନ୍ତି । ସେ ଯେଉଁ ଧର୍ମ ହେଉ ନା କାହିଁକି ସବୁ ଧର୍ମକୁ ସମ୍ମାନ ଦେବା ଓ ଭାଇଚାରା ସୃଷ୍ଟି କରି ବିଶ୍ୱରେ ଶାନ୍ତି ଫେରାଇ ଆଣିବା ହେଉଚି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଯୀଶୁ ହେଉଛନ୍ତି ମସିହା ଯୀଶୁଙ୍କୁ ଯେଉଁ ଦିନ କ୍ରୁଶବିଦ୍ଧ କରା ଯାଇଥିଲା ସେ ଦିନର ଭୌଗଳିକ ସ୍ଥିତିକୁ ଅନୁମାନ ଲଗାଇ ଜ୍ୟୋତିଷ ଶାସ୍ତ୍ରୀ ମାନେ ମତ ଦିଅନ୍ତି ଯେ ସେ ଦିନ ସୌର ମଣ୍ଡଳର ସବୁଠୁ ବଡ ନକ୍ଷେତ୍ର ସୂର୍ଯ୍ୟ ନିଜର ଗତିପଥ ବଦାଳାଇ ଉତ୍ତରାୟଣରେ ଅବସ୍ଥିତ ହୁଅନ୍ତି । ଯାହା ଫଳରେ ସୂର୍ଯ୍ୟଙ୍କର କିରଣ ଦକ୍ଷିଣ ଗୋଲାର୍ଦ୍ଧ ଉପରେ ସିଧା ସଳଖ ପଡେ । ତେଣୁ ପୃଥିବୀ ପୃଷ୍ଠରେ ଦିନ ଧୀରେ ଧୀରେ ବଡ ହୋଇଯାଏ ଓ ରାତି ଛୋଟ ହୋଇଥାଏ । ସକାଳ ହେବା (ସୂର୍ଯ୍ୟୋଦୟ) ଓ ସନ୍ଧ୍ୟା (ସୂର୍ଯ୍ୟାସ୍ତ) ହେବାର ସମୟ ସୀମା ବଦଳି ଯାଇଥାଏ । ଧୀରେ ଧୀରେ ଶୀତ ଋତୁ ଧରଣୀ କୋଳରୁ ବିଦାୟ ନେଇ ନବ ଆଗନ୍ତୁକ ବସନ୍ତ ଋତୁ କୁ ପୃଥିବୀ ପୃଷ୍ଟକୁ ପାଛୋଟି ଆଣେ । ତେଣୁ ଏହି ଡିସେମ୍ବର ମାସ ୨୫ ତାରିଖର ଦିନଙ୍କୁ ଖ୍ରୀଷ୍ଟିଆନ୍ ମାନେ ଅତି ଆନନ୍ଦ ଉଲାସରେ ବଡ ଦିନ ବୋଲି ମନାଇଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ର ଏକ ନୂଆ ଇରା ଜାନୁଆରୀ ପହିଲାରୁ ଷ୍ଟାର୍ଟ ହୋଇଥାଏ ଯାହାକୁ ଆଜି ପୂରା ବିଶ୍ୱ ମାନି ଆସୁଛି । ତେଣୁ ଖ୍ରୀଷ୍ଟଧର୍ମ ର ବଡ ଦିନଟି କେବଳ ଖ୍ରୀଷ୍ଟିଆନ୍ କମ୍ୟୁନିଟି ରେ ଆଜି ସୀମିତ ନ ହୋଇ ଅନେକ ଧର୍ମର ଲୋକ ମାନଙ୍କୁ ଏକ ନବ ଦୀଗ୍ ଦର୍ଶନ ଦେଇ ଆସୁଛି । ପୂରୁଣା ସବୁକୁ ଭୂଲି ଯାଇ ନୂଆ ନୂଆ ବିଚାର ସହିତ ଆଗକୁ ବଢିବା ପାଇଁ ସଦା ସର୍ବଦା ପ୍ରେରଣା ଯୋଗାଉ ଅଛି । ତେଣୁ ଲୋକମାନେ ଡିସେମ୍ବର ୨୫ ଠାରୁ ପୂରୁଣା ବର୍ଷକୁ ବିଦାୟ ଦେଇ ନୂଆ କ୍ୟାଲେଣ୍ଡର ବର୍ଷକୁ ଅତି ଆନନ୍ଦ ଉଲ୍ଲାସର ସହ ସ୍ୱାଗତ କରିଥାନ୍ତି । ବଣଭୋଜି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ପରିଭ୍ରମଣ କରିବା ପାଇଁ ପ୍ରତ୍ୟେକ ସମାଜ ଓ ଜାତି ପାଇଁ ଏକ ନୂଆ ଆଶା ଓ ପ୍ରେରଣା ଭରିବା ସହିତ ଆନନ୍ଦ ମୁଖର ହୋଇ ପଡେ ଏହି ବଡ ଦିନ । ସତରେ କହିବାକୁ ଗଲେ ବଡ ଦିନଟି ଆଜି ପ୍ରତ୍ୟେକ ଭାଷା ଭାଷୀ ଜାତି ଲାଗି ଏକ ଉଦାହରଣ ଏଥିରେ କୌଣସି ଅତ୍ୟୁକ୍ତି ହେବ ନାହିଁ । ଯୀଶୁଙ୍କର ସେହି ମହତ୍ ବାଣୀକୁ ମନେ ପକାଇ ଏହି ଧର୍ମରୁ କିଛି ଶିକ୍ଷିବା ଯେ ଆମେ ସମସ୍ତେ ହେଉଛନ୍ତି ଇଶ୍ୱରଙ୍କ ସନ୍ତାନ ଇଶ୍ୱର ହେଉଛନ୍ତି ସର୍ବ ଶକ୍ତିମାନ୍ । ପାପୀଙ୍କୁ ଘୃଣା ନ କରି ପାପ କୁ ଘୃଣାକର ଇତ୍ୟାଦି । ଇଶ୍ୱରଙ୍କ ବିନା ଏ ଧରଣୀ କୋଳରେ ପତ୍ର ବି ହଲେନା । ତେଣୁ ପ୍ରଭୁ ଯୀଶୁଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଇଛା କଲେ ଆପଣ ମାନେ ଖ୍ରୀଷ୍ଟିଆନ୍ ମାନଙ୍କର ପବିତ୍ର ଗ୍ରନ୍ଥ ବାଇବେଲ ଅଧୟନ କରି ପାରନ୍ତି । ପ୍ରତ୍ୟେକ ଧର୍ମ ମଣିଷକୁ ଏକ ଶୃଙ୍ଖଳିତ ଚରିତ୍ର ଗଠନ ପାଇଁ ନୂଆ ରାହା ବା ଦିଗ୍ ଦର୍ଶନ ଦେଖାଇ ଥାଏ । ଆସନ୍ତୁ ଆମେ ସମସ୍ତେ ଆମ ସଂସ୍କୃତି ଆମ ଐତିହର ସେହି ଗାରିମାମୟ ଭାଇଚାରାକୁ ବଜାଇ ରଖି , ଗର୍ବରେ କହିବା 'ବିଭିନ୍ନତା ମଧ୍ୟରେ ଏକତା ଆମରି ସ୍ୱର ' ଆମେ ସମସ୍ତେ ଭାରତୀୟ । ଜୟ ହିନ୍ଦ୍ । ଜୟ ଭାରତ ।

ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ:-୮୩୨୮୯୩୦୫୫୪

# ଖ୍ରୀଷ୍ଟିୟ ମନ୍ତ୍ର



## ଗୋପୀନାଥ ଦାଶ

ବହୁ କାଳରୁ ଖ୍ରୀଷ୍ଟିଧର୍ମାବଲମ୍ବୀମାନେ ଏକ ପ୍ରକାର ମନ୍ତ୍ର ବ୍ୟବହାର କରିଆସୁଛନ୍ତି । ତାହାକୁ କୁହାଯାଏ ମାରାନାଥା । ଏହା ଉଚ୍ଚାରିତ ହୁଏ ଚାରିଥରରେ । ଯଥା : ମା-ରା-ନା-ଥା । ଏହା ହେଉଛି ସେଣ୍ଟ ପଲ୍‌ଙ୍କ ଚୂଡ଼ାନ୍ତ ଶୈକ୍ଷିକ ଶବ୍ଦ, ଯାହା ଖ୍ରୀଷ୍ଟିୟ ବାଇବେଲ୍‌ରେ ରହିଛି । ବାଇବେଲ୍‌ର ସମଗ୍ର ସାରକଥା ହେଉଛି 'ମାରାନାଥା' । ଏହାର ଅର୍ଥ ହେଉଛି; ଆସ ପ୍ରଭୁ । ମାରାନାଥା ମନ୍ତ୍ର ମନ ଭିତରେ ଯେତିକି ବେଗରେ ଉଚ୍ଚାରଣ କଲେ ମଧ୍ୟ କ୍ରମଶଃ ତାହା ଧୀର ହୋଇ ଆସେ । ନିଜକୁ ଏହି ମନ୍ତ୍ରର ଅର୍ଥ ବୁଝିବା ପାଇଁ ଛାଡ଼ି ଦିଆଯାଏ । ତାହା ଯେ କୌଣସି ଆଧାତ୍ମ୍ୟ ବା ଧର୍ମୀୟ ପ୍ରବଣତା ହେଉ ନା କାହିଁକି । ଏହାର ଉଚ୍ଚାରଣ ବେଳେ ପ୍ରକୃତ ପ୍ରଶାନ୍ତିକୁ ଅନୁଭବ କରିହୁଏ, ଯାହା ଶୁଦ୍ଧ ପୁନରାବୃତ୍ତି ମାଧ୍ୟମରେ ଆସିଥାଏ । ଏହି ମନ୍ତ୍ର ଆବୃତ୍ତି ବେଳେ ମନକୁ ସ୍ଥିର ରଖିବାକୁ ପଡ଼େ । ଏହି ମନ୍ତ୍ରକୁ ମନ ଭିତରେ ସମ୍ପୂର୍ଣ୍ଣ ଭାବେ ଆବୃତ୍ତି କରିସାରିଲେ, ଏହା ଶ୍ୱାସକ୍ରିୟାରେ ସୁନ୍ଦର ଭାବେ ସମନ୍ୱୟ ରକ୍ଷା କରେ । ନିରବରେ ମା-ରା-ନା-ଥା ସ୍ମରଣରେ ଅଲଗା ଅଲଗା ଭାବେ ନିଃଶ୍ୱାସରେ ସମନ୍ୱୟ ରହେ । 'ମା' ଉଚ୍ଚାରଣ ନିଃଶ୍ୱାସ ଗ୍ରହଣ ସହ କରିବାକୁ ହୁଏ, ଯେତେବେଳେ କି 'ରା' ନିଃଶ୍ୱାସ ଛାଡ଼ିବା, 'ନା' ନିଃଶ୍ୱାସ ଗ୍ରହଣ ଏବଂ 'ଥା' ନିଃଶ୍ୱାସ ଛାଡ଼ିବା ସହ କରିବାକୁ ପଡ଼ିଥାଏ ।

ଯେତେବେଳେ ଶ୍ୱାସକ୍ରିୟା ସହ ସମନ୍ୱୟ ରଖି ଏହି ମନ୍ତ୍ର ଉଚ୍ଚାରଣ କରାଯାଏ, ସେତେବେଳେ ମନେ ରଖିବାକୁ ହେବ ଯେ ନିଃଶ୍ୱାସ ନିର୍ବିଘ୍ନ, ଧୀର ଏବଂ ଶାନ୍ତ ହେବ । ଶ୍ୱାସପ୍ରକ୍ରିୟା ମଧ୍ୟରେ କୌଣସି ପ୍ରକାର ବିଶ୍ରାମ ବା ବିରତି ରହିବ ନାହିଁ । ମନ୍ତ୍ରର ପ୍ରତିଟି ଶବ୍ଦର ଉଚ୍ଚାରଣ ମନ ଭିତରେ ହିଁ ହେବ । ତାହା କୌଣସି ଭାବେ ଶ୍ୱାସକ୍ରିୟାର ସ୍ୱାଭାବିକତାକୁ ବାଧା ପହଞ୍ଚାଇବ ନାହିଁ । ତାହା ଫୁସ୍‌ଫୁସ୍, କଣ୍ଠ ଏବଂ ନାସାକେନ୍ଦ୍ରରେ ମଧ୍ୟ ବ୍ୟାଘାତ କରିବ ନାହିଁ ଯେପରି । ନିଜର ମନନଶୀଳତାକୁ ଖୁବ୍ ଶାନ୍ତ ଭାବେ ବକ୍ଷସ୍ଥଳରେ ବିଶ୍ରାମ ଦିଅନ୍ତୁ । ପାପୁଲିଏ ସ୍ଥାନରେ ତଳିପେଟର ଠିକ୍ ଉପର ଅଂଶରେ ଯେମିତି ତାହା ହୁଏ । ବୋଧଚେତନା, ଅନୁଭବ ଏବଂ ଶାନ୍ତି ସେଠାରେ ଯେପରି ବିରାଜମାନ ହୁଏ । ମନ୍ତ୍ରର ଅଭ୍ୟାସରେ ଦୃଢ଼ତା ଆଣିବା ପାଇଁ ପ୍ରତ୍ୟେହ ୪୦ ଦିନ କିମ୍ବା ଗୋଟିଏ ବର୍ଷ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଅଭ୍ୟାସରେ ରତ ରହିବାକୁ ହେବ । ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସରେ ଆରମ୍ଭ ଓ ଶେଷ କଲେ ଅତି ଉତ୍ତମ ।

+ସେଣ୍ଟ ଥୋମାସ ଇଂଲିଶ ସ୍କୁଲ,
ଝାରସୁଗୁଡ଼ା

# ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ଆଶ୍ଚର୍ଯ୍ୟ ଓ ଉଦ୍ଦେଶ୍ୟ

## ଆଚାର୍ଯ୍ୟ ବ୍ରଜକାନ୍ତ ସିଂ

ପ୍ରତି ବର୍ଷ ଡିସେମ୍ବର ମାସ ୨୫ ତାରିଖକୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ଭାବେ ସାରା ବିଶ୍ୱରେ ମହାଆଡମ୍ବର ଓ ମହାଉଲ୍ଲାସରେ ବିଭିନ୍ନ ଧର୍ମ ଓ ଜାତି ନିର୍ବିଶେଷରେ ପାଳନ କରାଯାଏ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସକୁ ବଡଦିନ ବା ଖ୍ରୀଷ୍ଟମାସ ପର୍ବ ଏକ ବଡ ପର୍ବ ଓ ମହା ପବିତ୍ର ପର୍ବ ଭାବେ ମାନନ୍ତି । ନିଜ ନିଜ ଘରକୁ ସଫାସୁତୁରା କରନ୍ତି, ନୂଆ ରଙ୍ଗ ଦିଅନ୍ତି, ନୂଆ ପୋଷାକ ପିନ୍ଧନ୍ତି, ପିଠା କେକ୍ ବନାନ୍ତି, ନିଜ ଗୃହ ଓ ଗୀର୍ଜାଘରକୁ ରଙ୍ଗବେରଙ୍ଗ ଏବଂ ଆଲୋକ ସଜ୍ଜାରେ ସଜାଇଥା'ନ୍ତି ଆଉ ଗୀର୍ଜାଘରରେ ଏକାଠି ହୋଇ ପ୍ରଭୁ ଯୀଶୁଙ୍କ ଆରାଧନା ଉପାସନା କରନ୍ତି । ଯୀଶୁ ଖ୍ରୀଷ୍ଟଙ୍କୁ ଖ୍ରୀଷ୍ଟ ଧର୍ମର ପ୍ରବର୍ତ୍ତକ ବୋଲି କୁହାଯାଏ ।

ବାସ୍ତବିକ୍ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଅତି ଆଶ୍ଚର୍ଯ୍ୟ ଅଟେ । କାରଣ ତାହାଙ୍କ ଜନ୍ମର ପ୍ରାୟ ଶହ ଶହ ବର୍ଷ ପୂର୍ବେ ସେ କେଉଁଠାରେ, କାହା ଦ୍ୱାରା ଓ କ'ଣ ପାଇଁ ଜନ୍ମ ନେବେ ତାହା ପ୍ରକାଶ କରାଯାଇଅଛି ଯାହା ପବିତ୍ର ବାଇବଲରେ ଲିଖିତ ଅଛି । ପ୍ରାୟ ୭୪୦ ବର୍ଷ ପୂର୍ବେ ଈଶ୍ୱରଙ୍କ ଆହ୍ୱାନପ୍ରାପ୍ତ ବ୍ୟକ୍ତି ଯିଶାଇୟ ଭବିଷ୍ୟଦବକ୍ତାଙ୍କ ଦ୍ୱାରା ପ୍ରକାଶ କରାଯାଇଥିଲା ଯେ, ସେ ଏକ କୁମାରୀ କନ୍ୟାଠାରୁ ଜନ୍ମ ନେବେ – "ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ; ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁଏଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ ।" ଆଉ ସେ କୁମାରୀ ମରିୟମଙ୍କ ଗର୍ଭରୁ ଜନ୍ମ ହେଲେ କାରଣ କୁମାରୀ ମରିୟମ କୌଣସି ପୁରୁଷର ସଂସ୍ପର୍ଶ ବିନା ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଥିଲେ । ପୁଣି ଭବିଷ୍ୟତ ବାଣୀ ଥିଲା ଯେ, ଖ୍ରୀଷ୍ଟ ଇସ୍ରାଇଲରୁ ଜାତ ହେବେ, ଯାକୁବଠାରୁ ଦାଉଦଙ୍କ କୁଳରେ ଓ ଯୀହୁଦା ବଂଶରେ ଜନ୍ମ ହେବେ କାରଣ ଲେଖାଅଛି – "ଯାକୁବଠାରୁ ଏକ ତାରା ଉଦିତ ହେବ ଓ ଇସ୍ରାଏଲଠାରୁ ଏକ ରାଜଦଣ୍ଡ ଉତଥିତ ହେବ । ଶୀଲୋର ଶାନ୍ତିକର୍ତ୍ତାଙ୍କର ଆଗମନ ପର ?ୟ୍ୟନ୍ତ ଯିହୁଦାଠାରୁ ରାଜଦଣ୍ଡ ଓ ତାହାର ଚରଣଦ୍ୱୟ ମଧ୍ୟରୁ ବିଚାରକର୍ତ୍ତାର ଯଷ୍ଟି ଯିବ ନାହିଁ ।' ଆଉ ଏକ ଭବିଷ୍ୟତବାଣୀ ଥିଲା ଯେ, ସେ ବେଥଲିହିମ ନଗରରେ ଜନ୍ମ ହେବେ – "ହେ ବେଥଲିହିମ-ଉଫ୍ରାଥା, ଯିହୁଦାର ସହସ୍ରଗଣ ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ ଇସ୍ରାଏଲର ଶାସନକର୍ତ୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ; ପୁରାତନ କାଳରୁ, ଅନାଦିକାଳରୁ ତାହାଙ୍କର ଉତ୍ପତ୍ତି ।" ଯୀଶୁଙ୍କ ମାତା ମରିୟମ, ଯିହୁଦା ପ୍ରଦେଶର ଉତ୍ତର ଅଞ୍ଚଳର ଗାଲିଲୀରେ ବାସ କରୁଥିଲେ କିନ୍ତୁ ରାଜ୍ୟର ଜନଗଣନାରେ ସାମିଲ ହେବା ରାଜାଙ୍କ ଆଜ୍ଞାନୁଯାୟୀ ଯିହୁଦା ପ୍ରଦେଶର ଦକ୍ଷିଣରେ ଥିବା ବେଥଲିହିମକୁ କୁମାରୀ ମରିୟମଙ୍କୁ ଯିବାକୁ ପଡିଲା ଆଉ ସେହି ବେଥଲିହିମଠାରେ ପ୍ରସବ ସମୟ ଉପସ୍ଥିତ ହୁଅନ୍ତେ ଯୀଶୁଖ୍ରୀଷ୍ଟଙ୍କୁ ଜନ୍ମ ଦେଲେ ପୁଣି ବାକ୍ୟ ସଫଳ ହେଲା । ତାହାଙ୍କ ଜନ୍ମ ପୂର୍ବରୁ ସ୍ୱର୍ଗଦୂତ କୁମାରୀ ମରିୟମଙ୍କୁ ଦର୍ଶନ ଦେଇ କହିଥିଲେ, "ତୁମ୍ଭେ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଯୀଶୁ ଦେବ ।" ତେଣୁ ସେ ଦୂତଙ୍କୁ ପଚାରିଥିଲେ, "ଏହା କିପରି ହେବ ? କାରଣ ମୁଁ ତ ପୁରୁଷକୁ ଜାଣେ ନାହିଁ ।" ଦୂତ ତାଙ୍କୁ ଉତ୍ତର ଦେଲେ, "ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।" ପୁଣି ଏକ ଆଶ୍ଚର୍ଯ୍ୟ ବିଷୟ ହେଲା, ତାହାଙ୍କ ଜନ୍ମରେ ଏକ ବୃହତ୍ ତାରା ଆକାଶରେ ଦେଖାଯାଇ ପୂର୍ବ ଦେଶର ପଣ୍ଡିତମାନଙ୍କୁ ପୂର୍ବଦେଶରୁ ଯିହୁଦା ପ୍ରଦେଶରେ ଯୀଶୁ ଥିବା ଗୃହକୁ କଢାଇ ଆଣିଥିଲା । ଆଉ ସେହି ତାରା ଦେଖି ସେମାନେ ଅତିଶୟ ମହାଆନନ୍ଦରେ ଆନନ୍ଦିତ ହୋଇଥିଲେ । ଯୀଶୁଙ୍କ ଜନ୍ମରେ ସେହି ଅଞ୍ଚଳରେ କେତେକ ମେଷପାଳକ ପଦାରେ ରହି ରାତିରେ ସେମାନଙ୍କ ପଲ ଜଗୁଥିବା ସମୟରେ ସ୍ୱର୍ଗଦୂତ ସେମାନଙ୍କୁ ଦର୍ଶନ ଦେଇ ଏହି ସମ୍ବାଦ ଦେଲେ ଯେ, "ଭୟ କରନାହିଁ; ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି, କାରଣ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି, ସେ ଖ୍ରୀଷ୍ଟ ପ୍ରଭୁ । ଆଉ ତୁମ୍ଭମାନଙ୍କ ନିମନ୍ତେ ଏହା ଚିହ୍ନ ସ୍ୱରୂପ ହେବ, ତୁମ୍ଭେମାନେ ଜଣେ ଶିଶୁଙ୍କୁ ଲୁଗାରେ ଗୁଡ଼ା ହୋଇ ଗୁହାଳକୁଣ୍ଡରେ ଶୋଇଥିବାର ଦେଖିବ । ପୁଣି ହଠାତ୍ ଦୂତଙ୍କ ସହିତ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ପ୍ରଶଂସା କରୁ କରୁ କହିଲେ, ଉର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା, ପୁଣି, ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" ଆଉ ସେମାନେ ଦୂତଙ୍କଠାରୁ ସୁସମ୍ବାଦ ଶୁଣି ଓ ଆଶ୍ଚର୍ଯ୍ୟ ବିଷୟମାନ ଦେଖି ମେଷପାଳକମାନେ ଶୀଘ୍ର ଯାଇ ଗୁହାଳକୁଣ୍ଡରେ ଶିଶୁଯୀଶୁଙ୍କୁ ଶୋଇଥିବା ଦେଖିଲେ ।



କେବଳ ତାଙ୍କର ଜନ୍ମ ବିଷୟରେ ଭାବବାଣୀ କରଯାଇଥିଲା ତାହା ନୁହଁ ମାତ୍ର ତାହାଙ୍କ ଜୀବନୀ ବିଷୟରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଭାବବାଣୀ କରଯାଇଥିଲା ଯେପରି – ତାହାଙ୍କ ବାଲ୍ୟ ସମୟ ମିଶରରେ କିଛି ସମୟ କଟିବ, ସେ ଗର୍ଦ୍ଦଭଶାବକ ଉପରେ ଆରୋହଣ କରି ଯିରୁଶାଲେମକୁ ଯାତ୍ରା କରିବେ, ସେ ଦୁଃଖ ଯନ୍ତ୍ରଣା ପାଇବେ, କ୍ରୁଶୀୟ ଯନ୍ତ୍ରଣା ସମୟରେ ତାହାଙ୍କୁ ଅମ୍ଳରସ ଦିଆଯିବ, *(ଅବଶିଷ୍ଟାଂଶ ପୃଷ୍ଠା ୭ରେ)*

## ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୨୪/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ସଦଭାବନା ସଭା ଗୃହ ଠାରେ ଗୁଡ଼ ଗଭର୍ଣ୍ଣାନ୍ସ ବା ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେମିତି ଲୋକ ମାନଙ୍କ ନିକଟରେ ସହଜ ରେ ଉପଲବ୍ଧ ହେବ ଓ ଲୋକ ମାନଙ୍କ ମୌଳିକ ଆବଶ୍ୟକତା, ସମସ୍ୟା ଓ ତାହାର ସମାଧାନ କ୍ଷେତ୍ରରେ ବିଭାଗ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବୋଧର ସହ କାର୍ଯ୍ୟ କରିବେ ତାହା ହିଁ ସୁଶାସନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସେଥିପାଇଁ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦିଆଯାଇ ସକ୍ରିୟ କରାଯାଉଛି ବୋଲି ସେ ମତ ଦେବା ସହ ଜନ ସାଧାରଣ ଯେତେ ସଚେତନ ହେବେ ସେମାନଙ୍କ ସମସ୍ୟା ସମାଧାନ ସେତେ ସହଜ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ ସେମାନଙ୍କ ଲୋକାଭିମୁଖୀ ଯୋଜନାର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ବିବେକାନନ୍ଦ ସାହୁ, ସହଦ୍ୱେ ସାହୁ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ତନ୍ମୟ ଦାସ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ।ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୫ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୫୮ ଟି,ଗ୍ରାମ୍ୟ ସମସ୍ୟା ୬ ଗୋଟି, ରେଡକ୍ରସରୁ ସହାୟତା ୧ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ତତ୍କାଳୀନ ୮ ଟି ର ସମାଧାନ ହୋଇଥିଲା। ଅନ୍ୟ ଗୁଡିକୁ ଆଇନ ଅନୁଯାୟୀ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଅବସରରେ ସଦଭାବନା ସଭାଗୃହ ଠାରେ ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ଏକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ସେମାନେ ପ୍ରସ୍ତୁତ କରିଥିବା ବିବିଧ ଉପକରଣର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲାପାଳ, ଅନ୍ୟ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ପରିଦର୍ଶନ କରିଥିଲେ।

## ମୟୂରଭଞ୍ଜ ପୁସ୍ତକ ମେଳାର ତୃତୀୟ ସାଂସ୍କୃତିକ ଆସର

ମୟୂରଭଞ୍ଜ, ୨୪/୧୨ (ନି.ପ୍ର): ମୟୂରଭଞ୍ଜ ପୁସ୍ତକ ମେଳାର ତୃତୀୟ ଦିବସରେ ବାରିପଦାର ବର୍ଷା ଓ କୋହଲା ପାଗଳ ପରିବର୍ତ୍ତନ ପରେ ମେଳାରେ ପୁସ୍ତକ ଅନୁରାଗୀଙ୍କ ସମାଗମ ଓ ଷ୍ଟଲ ଗୁଡିକରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ବହି କିଣାର ଆଗ୍ରହ ବୃଦ୍ଧି ଘଟିଥିବାର ପରିଲକ୍ଷିତ ହୋଇଥିଲା। ବହିମେଳାର ସାନ୍ଧ୍ୟ ସାହିତ୍ୟ ଏବଂ ସାଂସ୍କୃତିକ ଆସର ମଧ ଜମିଉଠିବାର ଦେଖା ଯାଇଥିଲା। ସାଂସ୍କୃତିକ ସଭାରେ ପୁସ୍ତକ ଅନୁଷ୍ଠାନର ବର୍ଷିୟାନ ସଦସ୍ୟ ତଥା ଉପସଭାପତି ଅଜିତ କୁମାର କବାଟଙ୍କ ପୌରୋହିତ୍ୟରେ ବିଶିଷ୍ଟ ଶିକ୍ଷାବିତ, ପ୍ରାକ୍ତନ କଲେଜ ଅଧକ୍ଷ, ଡ଼.ତରୁଣ କୁମାର ଓଝା ଏବଂ ଜିଲ୍ଲାର ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନବ ଜୀବନରେ ପୁସ୍ତକର ମୂଲ୍ୟବୋଧ ଏବଂ ସମ୍ପ୍ରତିକ ସମାଜରେ ଛାତ୍ରଛାତ୍ରୀଙ୍କୁ ପଠନ ମନସ୍କ କରିବାରେ ପିତାମାତାଙ୍କ ସାକାରତ୍ମକ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ଆଜାଦ ପାଣି ସ୍ୱତନ୍ତ୍ର ସମ୍ମାନିତ ଅତିଥି ଏବଂ ଆର୍ଯ୍ୟଭଟ୍ଟ କ୍ଲାସର ନିର୍ଦ୍ଦେଶକ




ଅମୀୟ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ଅଧୁନା ଡିଜିଟାଲ ଯୁଗର ଶିକ୍ଷାବ୍ୟବସ୍ଥାରେ ବି ଆମ ପିଲାମାନଙ୍କ ପାଇଁ ବହି ପଢ଼ିବା କେତେ ଆବଶ୍ୟକ ରହିଛି ସେ ଉପରେ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନ୍ ଓ ଆର୍ଯ୍ୟଭଟ୍ଟ କ୍ଲାସେସର ଛାତ୍ରଛାତ୍ରୀ କଳାକାର। ସଦସ୍ୟା ରାଜଲକ୍ଷ୍ମୀ ତ୍ରିପାଠୀ ସାଂସ୍କୃତିକ ସଭାର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପାର୍ବତୀ ବାରିକ ଧନ୍ୟବାଦ ଦେଇଥିଲେ। ସେହିପରି ମେଳାର ପୂର୍ବସନ୍ଧ୍ୟା ଦ୍ୱିତୀୟ ଦିବସ ଅପରାହ୍ନରେ ବର୍ଷା ଛାଡିବା ପରେ ପୁସ୍ତକମେଳା ଦ୍ୱାରା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସ୍କୁଲସ୍ତରରୁ ଭଞ୍ଜପୁର ହାଇସ୍କୁଲର ଅବିନାଶ ବେହେରା, ଗାଙ୍ଗରାଜ ସରକାରୀ ବିଦ୍ୟାଳୟର ଇତିଶ୍ରୀ ଆଇଚ୍ ଏବଂ ସେଣ୍ଟମ୍ୟାରୀ କନଭେଣ୍ଟ ସ୍କୁଲର ସୁଜଳ ସେନାପତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଲାଭ କରିଥିବା ବେଳେ ମହାବିଦ୍ୟାଳୟ ସ୍ତରରୁ ଏମ୍.ପି. ସି. ସ୍ୱୟଂଶାସିତ ମହାବିଦ୍ୟାଳୟର ଦେବେନ୍ଦ୍ର ଆଚାର୍ଯ୍ୟ, ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦାର ଶୁଭସ୍ମିତା ମହାନ୍ତ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଭୁ ରଞ୍ଜନ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଲାଭ କରିଛନ୍ତି। ଉକ୍ତଦିନ ସବଜୁନିଅର, ଜୁନିଅର ଓ ସିନିଅର ତିନି ବିଭାଗର ଛାତ୍ରଛାତ୍ରୀଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇ ସବଜୁନିଅରରେ ପ୍ରଥମ ଶ୍ରୟାଂଶୀ ପାତ୍ର, ଦ୍ୱିତୀୟ ସାନଭିସ୍ମରଣ୍ୟା ପଣ୍ଡା ଓ ତୃତୀୟ ଜୟସ୍ମିତା ପରମାଣିକ ବିବେଚିତ ହୋଇଛନ୍ତି। ଜୁନିଅର ବିଭାଗରେ ପ୍ରଥମ ସତ୍ୟମ୍ ଜ୍ୟୋତି ବେହେରା, ଦ୍ୱିତୀୟ ଅଙ୍କିତ ଦାସ, ତୃତୀୟ ଆଲିସା ନାଏକ ସ୍ଥାନ ଅଧିକାର କରିଛନ୍ତି। ସିନିଅର ବିଭାଗରେ ପ୍ରଥମ ପାର୍ଥସାରଥୀ ମହାନ୍ତି, ଦ୍ୱିତୀୟ ସତ୍ୟଜିତ ପ୍ରଧାନ ଏବଂ ତୃତୀୟ ସାଇସତ୍ୟମ୍ ମହାନ୍ତ ସ୍ଥାନ ଲଭିଥିବାର ଜଣାପଡିଛି। ବକ୍ତୃତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସର୍ବଶ୍ରୀ ନରସିଂହ ବାରିକ, ହିମାଂଶୁ ଶେଖର ଦାସ, ବୀଣାପାଣି ପଣ୍ଡା, ଡ.ସୁଶାନ୍ତ କୁମାର ବଶା, ଡ.ପୁଷ୍ପା ପାତ୍ର, ଡ.ଅସୀମା ସାହୁ ଏବଂ ଚିତ୍ରାଙ୍କନ ତଦାରଖ କରିଥିଲେ ଅନୁଷ୍ଠାନର ସଦସ୍ୟା ସର୍ବଶ୍ରୀ ଭାସ୍ୱତୀ ପଣ୍ଡା ସ୍ୱପ୍ନା ଦଣ୍ଡପାଟ, ସୁପ୍ରୀତି ଦଳବେହେରା, ସୁସ୍ମିତା ଘୋଷାଲ, ସଂଯୁକ୍ତା ଚାନ୍ଦ ଓ ରାଜଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ। ତୃତୀୟ ଦିବସ ଭଳି ଦ୍ୱିତୀୟ ଦିବସ ସନ୍ଧ୍ୟାରେ ବି ମେଳା ପଡ଼ିଆରେ ସାଂସ୍କୃତିକ ମଞ୍ଚ ପ୍ରସ୍ତୁତ ହୋଇଥିଲା। ସଭାରେ ସଭାରେ ପୌରୋହିତ୍ୟ କରିଥିଲେ ମେଳା କମିଟିର ଉପସଭାପତି ଜୟନ୍ତ କୁମାର ଦ୍ୱିବୀ। କାର୍ଯ୍ୟକ୍ରମରେ ଓଡ଼ିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇ ସଂସ୍କୃତି ଓ କଳାରମାଟି ମୟୂରଭଞ୍ଜ ପୁସ୍ତକ ମେଳା ବାରିପଦାର ବୌଦ୍ଧିକ ଆଶାକୁ ସମ୍ପୂର୍ଣ୍ଣ ପୂରଣ କରିପାରିଛି ବୋଲି ମତ ରଖିଥିଲେ। ବିସିସି ଗ୍ରୁପଅଫ୍ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅମରଜିତ କର ଏବଂ ଅରୁଣୋଦୟ ହାୟର୍ ସେକେଣ୍ଡାରୀ ସ୍କୁଲର ନିର୍ଦ୍ଦେଶକ ବିନୋଦ ଦାସ ସମ୍ମାନୀତ ଅତିଥି ରୂପେ ନିଜନିଜ ବକ୍ତବ୍ୟରେ ଶିକ୍ଷାପାଇଁ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରି ସମାଜ ଗଢିବାରେ ପୁସ୍ତକର ବିକଳ୍ପ କିଛିନାହିଁ ବୋଲି ଦର୍ଶାଇ ଥିଲେ। ମଞ୍ଚ ଆମନ୍ତ୍ରଣ କରିଥିଲେ ସଦସ୍ୟ ଗୋପାଳ ଚନ୍ଦ୍ର ସାଓ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ସଦସ୍ୟ ଅଜୟ କୁମାର ପାଳ। ବିସିସି ଗ୍ରୁପଅଫ୍ ଇନଷ୍ଟିଚ୍ୟୁଟ୍ ବାରିପଦାର କିଶୋର ଛାତ୍ରଛାତ୍ରୀ ମାନେ ଦ୍ୱିତୀୟ ସଂନ୍ଧ୍ୟାର ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

## ଶିକ୍ଷା ହିଁ ସଭ୍ୟତା ବିକାଶର ମୂଳ ମନ୍ତ୍ର ଅଟେ

ଖୁଣ୍ଟାପୁର, ୨୪/୧୨ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଅଷ୍ଟମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରୁସ୍ମା ନୀଳମଣି ମହାବିଦ୍ୟାଳୟ ର ଅଧକ୍ଷ ତପନ କୁମାର ବେହେରା ଯୋଗ ଦେଇ ପିଲା ମାନଙ୍କ ମଧରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ କ୍ଷ ଅନୁଷ୍ଠାନ ର ସଭାପତି ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ ଙ୍କ ସଭାପତି ତ୍ୱ ରେ ଏହି ଉତ୍ସବ ରେ ଗୁରୁମା ଦମୟନ୍ତୀ ମହାନ୍ତ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ବରଣ୍ୟ ଅତିଥି ଭାବେ ପଂଚାୟତ ସମିତି ସଦସ୍ୟ ଶଶୀକାନ୍ତ ଦାସ , ବରିଷ୍ଠ ସଦସ୍ୟ ବ୍ରଜସୁନ୍ଦର ଦାସ, ଅକ୍ଷୟ କୁମାର ମିଶ୍ର, ବିଶିଷ୍ଟ ଭାଗବତ ପ୍ରବଚକ ପର୍ଶୁରାମ ମିଶ୍ର ରଘୁବୀର ସିଂ, ତିଳଉମା ନାୟକ, ବରିଷ୍ଠ ଶିକ୍ଷାବିତ ମହେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ। ପ୍ରାରମ୍ଭ ରେ ଅନୁଷ୍ଠାନ ର ସମ୍ପାଦକ କାହ୍ନୁ ଚରଣ ପତି ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ସହ ଅନୁଷ୍ଠାନ ର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରଧନ ଆଚାର୍ଯ୍ୟ ରଂଜିତା ପତି ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ସଦସ୍ୟ ପ୍ରଦୀପ କୁମାର ଭଞ୍ଜ ଧନ୍ୟବାଦ ଅର୍ପଣ କରିଥଲେ । ଏହି ଅବସରରେ ଅନୁଷ୍ଠାନ ଜମି ଦାନ କରିଥିବା ଦାତା ପାର୍ବତୀ ମଣି ପତି ଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ଚଳିତ ବର୍ଷ ଶ୍ରେଷ୍ଠ ଗୁରୁମା ଭାବେ ଦମୟନ୍ତୀ ମହାନ୍ତ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହା ପରେ ପିଲାମାନେ ନିଜ ନିଜ ମାଆ ମାନଙ୍କୁ ପୂଜନ କରିଥିଲେ । ସ୍ୱତନ୍ତ୍ର ସମର୍ପଣ କାର୍ଯ୍ୟକ୍ରମ ରେ ଅଭିଭାବକ ମାନେ ନିଜ ନିଜ ର ଦାନ ବସ୍ତୁ ଓ ସାମଗ୍ରୀ ସବୁ ଅନୁଷ୍ଠାନ କୁ ସମର୍ପଣ କରିଥିଲେ । ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସେଲ ଆରଏସପିର ନୂତନ ପ୍ଲେଟ୍ ମିଲ୍ ବିଭାଗରେ ସୁରକ୍ଷା ସଚେତନତା ରାଲି ଆୟୋଜିତ

ରାଉରକେଲା, ୨୪/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗରେ ପ୍ରଥମ ଥର ପାଇଁ "ସୁରକ୍ଷା ସଜାଗତା' ଏବଂ 'ସୁରକ୍ଷା ଉତ୍ପାଦକତା' ବିଷୟବସ୍ତୁ ଉପରେ ଏକ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏନପିଏମ ଓ ଏସପିପି ବିଭାଗର ସିଜିଏମ ଶ୍ରୀ ଆର କେ ବିସାରେ, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଶ୍ରୀମତୀ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ଅବକାଶ ବେହେରା, ଏନପିଏମ୍ ବିଭାଗର ଜିଏମ ଶ୍ରୀ ଆର ଏସ ଶର୍ମା ଏବଂ ଏନପିଏମର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ନୂତନ ପ୍ଲେଟ୍ ମିଲ୍ ପ୍ରବେଶ ଦ୍ୱାରରୁ ନୂତନ ସିପିଂ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ରାଲିରେ ପ୍ରାୟ ୨୦୦ ଜଣ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ କର୍ମକ୍ଷେତ୍ରର ସୁରକ୍ଷା ଉପରେ ବିଭିନ୍ନ ସୁରକ୍ଷା ବାର୍ତ୍ତାର ପ୍ଲାକାର୍ଡ ଧରିଥିଲେ, ଯେପରିକି ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ବ୍ୟବହାର, ସପ ଫ୍ଲୋରରେ ସେଲ ଫୋନ୍ ର ସୀମିତ




ବ୍ୟବହାର, ସୁରକ୍ଷିତ ସାମଗ୍ରୀ ପରିଚାଳନା ପ୍ରଣାଳୀ, ସୁରକ୍ଷିତ ଡ୍ରାଇଭିଂ ଟିପ୍ସ, କାରଖାନା ପରିସର ମଧ୍ୟରେ ଗତି ସୀମା ଅନୁପାଳନ, ଏବଂ ଏସଓପି ଓ ଏସଏମପି ଅନୁପାଳନ କରିବା ଇତ୍ୟାଦି । ଉଲ୍ଲେଖଯୋଗ୍ୟ ଯେ, ନୂତନ ପ୍ଲେଟ୍ ମିଲ୍ ବିଭାଗ, ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ କର୍ମଚାରୀ ତଥା ଅନ୍ୟାନ୍ୟ ପଣଧାରୀଙ୍କୁ କାର୍ଯ୍ୟକ୍ଷେତ୍ର ସୁରକ୍ଷା ବିଷୟରେ ସଚେତନ କରିବା ପାଇଁ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ରାଲି ସତର୍କ ରହିବା, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଏବଂ ନିରାପତ୍ତା ସଂସ୍କୃତି ପ୍ରତିପାଦନ କରିବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀ ଆର କେ ବିସାରେ ଆଶା ପ୍ରକଟ କରିଥିଲେ। ସେ କହିଥିଲେ ଯେ, "ବାସଗୃହରେ ହେଉ, କାର୍ଯ୍ୟରେ ହେଉ କିମ୍ବା ସର୍ବସାଧାରଣ ସ୍ଥାନରେ ହେଉ, ବିପଦ ବିଷୟରେ ସଚେତନ ରହି ଦାୟିତ୍ୱଶୀଳ ରୂପେ କାର୍ଯ୍ୟ କରିବା ଦ୍ୱାରା ଦୁର୍ଘଟଣା ଏବଂ ଆଘାତକୁ ରୋକାଯାଇପାରିବ। ସମ୍ଭାବ୍ୟ ଆଶଙ୍କା ଚିହ୍ନଟ ତଥା ସମାଧାନ କରିବାରେ ତଥା ସପଫ୍ଲୋରରେ ସୁରକ୍ଷା ଅଭ୍ୟାସ ଗ୍ରହଣ କରିବାରେ ସଜାଗ ରହିବା ଆବଶ୍ୟକ ବୋଲି ଶ୍ରୀମତୀ ଆଶା କାର୍ଥା ଗୁରୁତ୍ୱାରୋପ କରିଛନ୍ତି। ସାମଗ୍ରୀ ପରିଚାଳନା ବିଷୟବସ୍ତୁ ଉପରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏନପିଏମ ବିଭାଗରେ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗିତାର ବିଜେତା ଜଣେ ନିୟମିତ କର୍ମଚାରୀ ଏବଂ ୪ ଜଣ ଠିକା ଶ୍ରମିକଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏନପିଏମର ଡ଼ିଏସଓ ଶ୍ରୀ ସୁମନ କୁମାର ଏବଂ ଏଏସଓ ସୁଶ୍ରୀ ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍ ଷଷ୍ଠ ଦିନରେ : ୧୧ ଷ୍ଟାର ମୋରଡା ଓ ମା' ଦୁର୍ଗା ଫାଇଟର ବିଜୟ

ବେତନଟୀ, ୨୪/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଷଷ୍ଠ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ବାହାନଡା ଟାଇଗର ଓ ୧୧ ଷ୍ଟାର ମୋରଡା ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଦାନି -୧୧ ଚିତ୍ରଡା ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଟାଇଗର ୧୭.୩ ଓଭରେ ରେ ସମସ୍ତ ୱିକେଟ ହରାଇ ୧୨୦ ରନ କରି ପରାଜୟ ବରଣ କରିଥିଲା। ୧୧ ଷ୍ଟାର ମୋରଡା ର ରାଜେଶ ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ଦାନି -୧୧ ନିର୍ଦ୍ଧାରିତ ୧୯.୧ ଓଭର ରେ ସମସ୍ତ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରଥିଲା। ଜବାବରେ ମା ଦୁର୍ଗା ଫାଇଟର ୧୮.୪ ଓଭରରେ ୮ ୱିକେଟ ହରାଇ ୧୧୪ ରନ କରି ବିଜୟ ଲାଭ କରିଥିଲା । ଏଥିରେ ମା ଦୁର୍ଗା ଫାଇଟର ର ଖେଳାଳି ରିଙ୍କୁ ପରିଡା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଶିକ୍ଷକ ହୃଷିକେଶ ମହାନ୍ତି ଓ ସମାଜସେବୀ ନିରଞ୍ଜନ ମହାନ୍ତି ପୁରସ୍କୃତ କରିଥିଲେ। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ , ସୁଧାକର ପଣ୍ଡା ଓ କୁନା ସାହୁ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।




## ସୃଜନଶୀଳ ବୈଜ୍ଞାନିକ ଚିନ୍ତାଧାରା ହିଁ ବିଜ୍ଞାନକୁ କାଳଜୟୀ କରିଛି

ବାଲେଶ୍ୱର, ୨୪/୧୨ (ନି.ପ୍ର): ସାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ର ରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କ ଭିତରେ ବୈଜ୍ଞାନିକ ଚିନ୍ତାଧାରା ସୃଜନଶୀଳ ଯୁକ୍ତ ହେଲେ ଆମ ଦେଶ ବିଜ୍ଞାନ ସମୃଦ୍ଧଶାଳୀ ହୋଇ ପାରିବ । ଅନୁଷ୍ଠାନ ର ସଭାପତି ଶ୍ରୀଯୁକ୍ତ ବେଣୁଧର ବାରିକ୍ ଙ୍କ ସଭାପତି ତ୍ୱ ରେ ମୁଖ୍ୟ ବକ୍ତା ଭାବେ ରେମୁଣା ସଙ୍କୁଳ ପ୍ରମୁଖ ରମାନନ୍ଦ ମହାପାତ୍ର ଯୋଗ ଦେଇ ପିଲାମାନଙ୍କ ଭିତରେ ବୈଜ୍ଞାନିକ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ବିଜ୍ଞାନ ମେଳା ର ଆବଶ୍ୟକତା ରହିଛି



ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ସହ ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ରାଉତ,ଶ୍ରୀ ପ୍ରତାପ ଚନ୍ଦ୍ର ପଣ୍ଡା, ଶ୍ରୀ ବିଜୟ କୁମାର ପରିଡ଼ା, ଶ୍ରୀ ଗୁଣାକର ମହାନ୍ତି, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସମ୍ପାଦକ ଶ୍ରୀଯୁକ୍ତ ବାଣୀନିର୍ମାଲ୍ୟ ବିଶ୍ୱାଳ, ପରିଷଦ ଶ୍ରୀ ପ୍ରତାପ ପଣ୍ଡା ବିଜ୍ଞାନ ପ୍ରକଳ୍ପ ବିଚାରକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ମଧୁସୂଦନ ଦାଶ ମେଳା ର ଆଭିମୁଖ୍ୟ ବିଷୟ ରେ କହିଥିଲେ । ଗୁରୁଜୀ ଦାମୋଦର ମହାର୍ଣ୍ଣକ୍ଷ ସ୍ୱାଗତ ଅଭିଭାଷଣ ଦେଇ ଥିବା ବେଳେ ଗୁରୁଜୀ ଜିତୁ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳା ରେ ସର୍ବମୋଟ ୫୭ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଏହି ବିଜ୍ଞାନ ମେଳା କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁମା ସରସ୍ୱତୀ ଦତ୍ତ, ଚମ୍ପାବତୀ ଦାସ,ସସ୍ମିତା ବେହେରା,ସୁଜାତା ବାରିକ୍,ପ୍ରଭାତୀ ସେଠୀ,ହରପ୍ରିୟା ପରିଡ଼ା, ରୀନାରାଣୀ ମହାପାତ୍ର ଓ ସମିତି ସଦସ୍ୟ ମାନେ ପରିଚାଳନା କରିଥିଲେ।

## ପାର୍ଶ୍ୱାଞ୍ଚଳ ଗ୍ରାମର ୪୦ ଜଣ ଯୁବ କ୍ରୀଡାବିତଙ୍କ ଭୁବନେଶ୍ୱରର କିଟ କ୍ରୀଡା କେନ୍ଦ୍ରରେ ସ୍ୱତନ୍ତ୍ର ଫୁଟବଲ୍ କୋଚିଂ ସଫଳ ସମାପନ

ରାଉରକେଲା, ୨୪/୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର ସିଏସ୍ଆର୍ ପଦକ୍ଷେପ 'ପ୍ରକଳ୍ପ ଅର୍ଜୁନ' ଅନ୍ତର୍ଗତ ଭୁବନେଶ୍ୱରର କିଟ୍ ସ୍ପୋର୍ଟସ୍ ସେଣ୍ଟରରେ ସ୍ୱତନ୍ତ୍ର କୋଚିଂ ପାଇଁ ପାର୍ଶ୍ୱାଞ୍ଚଳ ଗ୍ରାମରୁ ୪୦ ଜଣ ଉଦୀୟମାନ ଫୁଟବଲ୍ ଖେଳାଳିଙ୍କୁ ପ୍ରାୟୋଜିତ କରିଥିଲା। ସଫଳତା ର ସହିତ ପ୍ରଶିକ୍ଷଣ ଶେଷ କରି ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତ ଖେଳାଳୀଙ୍କ ପାଇଁ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଫିଡବେକ ଗ୍ରହଣ ତଥା ପ୍ରମାଣପତ୍ର ବିତରଣ ନିମନ୍ତେ ଏକ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଟିଆରଏମ ବିଭାଗର ଜିଏମ୍ ଶ୍ରୀ ସନ୍ତୋଷ କୁମାର ଭୂୟାଁ, ସିଏସ୍ଆର୍ ବିଭାଗର ଜିଏମ୍ ଇନ୍-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ରଘୁ ପାଢି ଉପସ୍ଥିତ ରହି



ଫିଡବେକ ଗ୍ରହଣ ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧିକାରୀମାନେ ଯୁବ ପ୍ରତିଭାମାନଙ୍କୁ ସେମାନଙ୍କ ପ୍ରଶିକ୍ଷଣକୁ ଉପଯୋଗ କରି କ୍ରୀଡାରେ ଉତ୍କର୍ଷତା ହାସଲ ପାଇଁ ଉତ୍ସାହିତ କରିଥିଲେ। କ୍ରୀଡା ମାଧ୍ୟମରେ ଯୁବପ୍ରତିଭାଙ୍କୁ ସଶକ୍ତ କରିବାକୁ ଆରଏସପିର ପ୍ରତିବଦ୍ଧତା ଉପରେ ମଧ ସେମାନେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ୍ ମିତ୍ରସମାବେଶକୁ ସ୍ୱାଗତ କରିଥିଲେ। ସିଏସଆର ବିଭାଗର ଏଜିଏମ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହକୁ ସିଏସଆର ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧୀରାମ, ଏବଂ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବେନେଡିକ୍ଟ ଏକ୍କା ସଂଯୋଜନା କରିଥିଲେ। ଯୁବ କ୍ରୀଡାବିତମାନେ କିଟ କ୍ରୀଡା କେନ୍ଦ୍ରରେ ଅକ୍ଟୋବର ୨୦ ତାରିଖରୁ ନଭେମ୍ବର ୧୮ ତାରିଖ ପର?ୟ୍ୟନ୍ତ ୩୦ ଦିନିଆ ତାଲିମ ଗ୍ରହଣ କରିଥିଲେ। ଏଥିରେ ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ, ରହିବା, ଏବଂ ଲଜିଷ୍ଟିକ୍ସ ସୁବିଧା ଅନ୍ତର୍ଭୁକ୍ତ ରହିଥିଲା। ଉକ୍ତ ବ୍ୟାଚ୍ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଏହି ପ୍ରକଳ୍ପ ଅଧୀନରେ ଆରଏସପି ପ୍ରାୟ ୯.୯୪ ଲକ୍ଷ ଟଙ୍କା ବ୍ୟୟ କରିଛି। ସୂଚନାଯୋଗ୍ୟ ଯେ, ଆରଏସପିର ପ୍ରକଳ୍ପ ଅର୍ଜୁନ ଏକ ପ୍ରମୁଖ ସିଏସଆର ପଦକ୍ଷେପ ଯାହା ୨୦୨୨-୨୩ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଏଥିରେ ହିତାଧିକାରୀମାନେ ସେମାନଙ୍କର ସାମର୍ଥ୍ୟ ଏବଂ ପ୍ରଦର୍ଶନ ଆଧାରରେ ମନୋନୀତ ହୁଅନ୍ତି। ବିଶେଷତଃ ସିଏସ୍ଆର୍ ବିଭାଗ ଦ୍ୱାରା ପାର୍ଶ୍ୱାଞ୍ଚଳର ୪ ଟି ରାଜସ୍ୱ ବ୍ଲକ ପାଇଁ ଆୟୋଜିତ ସମ୍ବର୍ଦ୍ଧନ ଟୁର୍ନାମେଣ୍ଟରେ ସେମାନଙ୍କ ପ୍ରଦର୍ଶନ ଆଧାରରେ ସେମାନଙ୍କର ଚୟନ ହେଉଛି।

## ଉମୁରିଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୨୪/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା ଅସ୍ମା ନାୟକ, ଜିପଡିଓ ଭାଗିରଥି ନାୟକ, ସହକାରି ଯନ୍ତ୍ରୀ ବିଜୟ କୁମାର ନନ୍ଦ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା., ଏପିଓ ସନ୍ତୋଷି ମହାପାତ୍ରଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରାସ୍ତା ନିର୍ମାଣ ପାନିୟ ଜଳ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

## ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୪/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ୧୧ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠାନର ଚେୟାରମେନ କବୀର୍ ମଲୁଆଳଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ରାଷ୍ଟ୍ର ଦୂତ ତଥା ଆଫ୍ରିକାର ସ୍ୱତନ୍ତ୍ର ପରାମର୍ଶ ଦାତା ଡକ୍ଟର ଦୀପକ ଭୋରା ଯୋଗ ଦେଇ ବାର୍ଷିକ ଉତ୍ସବ କୁ ଉଦଘାଟନ କରିଥିଲେ ।ସେ ତାଙ୍କ ବକ୍ତବ୍ୟରେ ଆତ୍ମବିଶ୍ୱାସୀ ହେଲେ ଛାତ୍ର ଛାତ୍ରୀ ମାନେ ସଫଳତା ପାଇବେ । ଏହା ସହ ଛଛାତ୍ର ଛାତ୍ରୀ ମାନେ ନୂତନ ଭାରତ ଗଠନ ପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ଶୃଙ୍ଖଳିତ ଜୀବନ ଯାପନ ଜରୁରୀ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ , ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି ରୋଟାରୀଆନ୍ ଶାନ୍ତନୁ ପାଣି , ରୋଟାରୀଆନ୍ ସୁବ୍ରତ କର , ମୌସୁମୀ କୁମାର ସିଂ , ଟ୍ରଷ୍ଟି ର ରାଧାକାନ୍ତ ମହାନ୍ତି , ଅଜୟ କୁମାର ଗିରି ମଞ୍ଚାସୀନ ଥିଲେ । ଏହି ବାର୍ଷିକ ଉତ୍ସବରେ ରେ କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଚଳିତ ବର୍ଷ ଦଶମ ରେ ୯୦ ପ୍ରତିଶତ ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବୋଧିତ କରାଯାଇଥିଲା ଓ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ଟ୍ରଷ୍ଟ ସମ୍ପାଦକ ତଥା ସ୍କୁଲର ଅଧକ୍ଷ ସୁଧାଂଶୁ ପଣ୍ଡା ଅଧକ୍ଷତା କରିଥିଲେ । ସ୍କୁଲର ଅଧକ୍ଷ ସୁମନ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଭାରତରତ୍ନ ଡ଼. ବାବାସାହେବ ଆମ୍ବେଦକର ସମ୍ମାନ ଯାତ୍ରା ଅନୁଷ୍ଠିତ




ବାଲେଶ୍ୱର , ୨୪/୧୨ (ନି.ପ୍ର): ସଂସଦରେ ଗୃହମନ୍ତ୍ରୀ ଅମିତ ସାହା, ଭାରତରତ୍ନ ଡ଼.ବାବାସାହେବ ଆମ୍ବେଦକର ଙ୍କ ବିଷୟରେ ଯେଉଁଭଳିଭାବେ ଅପମାନଜନିତ ମନ୍ତବ୍ୟ ଦେଇଛନ୍ତି, ତା ବିରୁଦ୍ଧରେ କଂଗ୍ରେସ ତରଫରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିଥିବାରୁ ଓ ଲୋକସଭା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧି ସିଧାସଳଖ ବିରୋଧ ପଦର୍ଶନ ସହ ଅମିତ ସାହାଙ୍କ କ୍ଷମାପ୍ରାର୍ଥନା ଓ ବରଖାସ୍ତ ଦାବିକରିବା ଘଟଣାକୁ ଦବେଇ ଦେବା ପାଇଁ ବିଜେପି ଦଳ ମିଛରେ ଏକ ନାଟକ ରଚନା କରି ଶ୍ରୀଯୁକ୍ତ ରାହୁଲ ଗାନ୍ଧି ଙ୍କ ନାମରେ ମିଛ ଏଫ,ଆଇ,ଆର କରାଇବା ଓ ମିଛ ପ୍ରଚାର କରି ବଦନାମ କରାଇବା ପ୍ରତିବାଦ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଭାପତି ସଞ୍ଜୀବ ଗିରି ଙ୍କ ନେତୃତ୍ୱରେ ଆଜି ଭାରତରତ୍ନ ଡ଼.ବାବାସାହେବ ଆମ୍ବେଦକର ସମ୍ମାନ ଯାତ୍ରା ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସାମ୍ନାରେ ବିକ୍ଷୋଭ ପଦର୍ଶନ ସହ ରାଷ୍ଟ୍ରପତି ଙ୍କ ଉଦେଶ୍ୟ ରେ ଜିଲ୍ଲାପାଳଙ୍କ ଜରିୟାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋବ ପଦର୍ଶନ ସମୟରେ ଜିଲ୍ଲା ସଭାପତି ଶ୍ରୀ ଗିରି,ରେମୁଣାର ପୁର୍ବତନ ବିଧାୟକ ସୁଦର୍ଶନ ଜେନା,ଜଳେଶ୍ୱର ପୁର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ,ବରିଷ୍ଠ କଂଗ୍ରେସ ନାରୀନେତ୍ରୀ ଅର୍ଚ୍ଚନା ନନ୍ଦି,ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା,ପ୍ରମୁଖ ତାଙ୍କ ବକ୍ତବ୍ୟରେ କିଭଳି ଅମିତ ସାହା ଭାରତରତ୍ନ ବାବାସାହେବ ଆମ୍ବେଦକର ଫେସନ ବୋଲି ବକ୍ତବ୍ୟ ସଂସଦରେ ଦେଉଛନ୍ତି, ତାର ବିରୋଧକୁ ଚାପିଦେବାପାଇଁ ବିଜେପି ନେତା ତଥା ଗ୍ରାମଷ୍ଟେନ ଓ ତାଙ୍କ ଦୁଇପୁଅଙ୍କୁ ଗାଡି ଭିତରେ ପୋଡି ମାରିଥିବା ବଜରଙ୍ଗ ଦଳ ର ସେତେବେଳର ସଭାପତି ପ୍ରତାପ ଷଡଙ୍ଗୀ ଯେଭଳି ଭାବେ ମିଛ ନାଟକ ରଚନା କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଙ୍କ ବିରୁଦ୍ଧରେ ମିଛ ଅପପ୍ରଚାର କରି ଶ୍ରୀ ଗାନ୍ଧୀ ଙ୍କୁ ବଦନାମ କରିବା ଓ ମିଛ ଏଫ,ଆଇ,ଆର କରିବା ପ୍ରଭୃତି ବିଜେପି ଓ ବିଜେପି ନେତାଙ୍କୁ ନିନ୍ଦା କରିଥିଲେ।ଶେଷରେ କଂଗ୍ରେସ ନେତା ମାନେ ଜିଲ୍ଲା ପ୍ରଶାସନ ମାଧମରେ ରାଷ୍ଟ୍ରପତି ଙ୍କ ଉଦ୍ୟେସରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ,ସରୋଜ ଲେଙ୍କା,ସୁବ୍ରତ ଧଡା,ଗୋପୀନାଥ ପାଢ଼ୀ,ବିକାଶ କୁମାର ଦାସ, ଜ୍ୟୋସ୍ନା ସେନାପତି, କୁମୁଦୁନି ଦାସ, ସୁଧାଂଶୁ ଜେନା, ରଞ୍ଜନ ଦାସ,ଗୌତମ ସାହୁ, ଜୀବନ ମହାପାତ୍ର,ତରୁଣ ଦାସ, ରାଜୀବ ପରିଡା,ରାଜେନ୍ଦ୍ର ମହାନ୍ତି, ତପନ ରାଉତ,ନିସିତ ବାରିକ, କୃଷ୍ଣ ଗୋପାଳ ପଣ୍ଡା, ସୁଦାମ ପାତ୍ର, ନିରଞ୍ଜନ ପରିଡା, ଜୁବୁଲି ପଣ୍ଡା, ହରିଶଙ୍କର ଜେନା, ସତ୍ୟନାରାୟଣ ଗୁପ୍ତା, ମନୋଜ ମହାନ୍ତି, ରବି ଦାସ, ରାହସ ବିହାରୀ ମହାପାତ୍ର, ଅଜଗର ଅଲ୍ଲୀ, ରମେଶ ଦାସ, କେଶବ ନାୟକ,ଶ୍ରୀକାନ୍ତ ବଗଡାଇ, କହ୍ନେଇ ବେହେରା, ଜୀବନ ବାରିକ, ବିଦ୍ୟାଧର ମହାନ୍ତି, ସେକ ରାଜୁ,ରାଜୀବ ମହାପାତ୍ର,ବିନିତା ବାରିକ,ସୁବ୍ରତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ତାହାଙ୍କର କୌଣସି ଅସ୍ଥି ଭଗ୍ନ ହେବ ନାହିଁ, ତାହାଙ୍କ ବସ୍ତ୍ର ଲୋକମାନେ ଭାଗ କରିବା ନିମନ୍ତେ ଗୁଳିବାଣ୍ଟ କରିବେ, ମୃତ୍ୟୁ ଯନ୍ତ୍ରଣାରେ ସେ ଏହି ବାଣୀ କହିବେ – "ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ଇତ୍ୟାଦି ସେହି ଭାବବାଣୀଗୁଡିକ ସଫଳ ହୋଇଛି ତାଙ୍କ ଜୀବନ କାଳରେ ।"

ପ୍ରଭୁ ଯୀଶୁ କହିଲେ – "ଯେପରି ସୁସ୍ଥ ଲୋକମାନଙ୍କର ବୈଦ୍ୟଠାରେ ପ୍ରୟୋଜନ ନାହିଁ, ମାତ୍ର ଅସୁସ୍ଥ ଲୋକମାନଙ୍କର ପ୍ରୟୋଜନ ଅଛି, ସେହିପରି ମୁଁ ଧାର୍ମିକ ଲୋକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସି ନାହିଁ, କିନ୍ତୁ ମନ-ପରିବର୍ତ୍ତନ କରିବା ନିମନ୍ତେ ପାପୀମାନଙ୍କୁ ଆହ୍ୱାନ କରିବାକୁ ଆସିଅଛି; ଯେକେହି ମୋ'ଠାରେ ବିଶ୍ୱାସ କରେ, ସେ ଯେପରି ଅନ୍ଧକାରରେ ବାସ ନ କରେ, ଏଥିପାଇଁ ମୁଁ ଜଗତକୁ ଜ୍ୟୋତିଃ ହୋଇ ଆସିଅଛି । ଯିଏ ଜ୍ୟୋତିଃ ନିକଟକୁ ଆସେ, ତାହାଠାରୁ ଅନ୍ଧକାର, ଅନ୍ଧକାର କର୍ମ, ଅନ୍ଧକାର ଶକ୍ତି ଅନ୍ଧକାର ବିଷୟମାନ ଆଦି ଦୂର ହୁଏ । କାରଣ ମୁଁ ଜଗତର ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାଣ କରିବାକୁ ଆସିଅଛି । ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି । ମୁଁ ପଥ, ସତ୍ୟ ଓ ଜୀବନ; ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ।"ଯୀଶୁ ଖ୍ରୀଷ୍ଟଙ୍କ ଆଶ୍ଚର୍ଯ୍ୟ ଶିକ୍ଷାଗୁଡିକ ମଧ୍ୟରୁ ଶତୃମାନଙ୍କୁ ପ୍ରେମ କର । ଏପରିକି କେହି ତୁମକୁ ଗୋଟିଏ ଗାଲରେ ଚାପୁଡା ମାରିଲେ ଅନ୍ୟ ଗାଲଟି ଦେଖାଇ ଦିଅ । ଜଣେ ବ୍ୟକ୍ତି ତାଙ୍କ ଅନୁଭୂତିରୁ ସାକ୍ଷ୍ୟ ଦିଅନ୍ତି – "ଜଣେ ବିରୋଧୀ ତାଙ୍କୁ ଗୋଟିଏ ଗାଲରେ ଚାପୁଡା ମାରିବା ପରେ ଅନ୍ୟ ଗାଲଟି ମଧ ଯୀଶୁ କହିଛନ୍ତି ବୋଲି ଦେଖାଇ ଦେବାରୁ, ସେହି ବ୍ୟକ୍ତିଟିର କ୍ରୋଧ ହଠାତ୍ ଶୀତଳ ପଡିଗଲା ଆଉ ସେ ତାହାକୁ ଛାଡି ଚାଲିଗଲା ।" ଆଉ ଜଣେ ବ୍ୟକ୍ତି ତାଙ୍କ ଅନୁଭୂତିରୁ ସାକ୍ଷ୍ୟ ଦିଅନ୍ତି – "ଜଣେ ତାଙ୍କୁ ଗୋଟିଏ ଗାଲରେ ଚାପୁଡା ମାରିବା ପରେ ଅନ୍ୟ ଗାଲଟି ମଧ ଯୀଶୁ କହିଛନ୍ତି ବୋଲି ଦେଖାଇ ଦେବାରୁ ତାଙ୍କୁ ଆହୁରି ନିର୍ଦ୍ଧୂମ ମାଡ଼ ମାରିଲେ ସତ କିନ୍ତୁ ତା'ର ଅଳ୍ପ ଦିନ ପରେ ସେ ଈଶ୍ୱରଙ୍କଠାରୁ ଅତି ଭୟଙ୍କର ଦଣ୍ଡ ପ୍ରାପ୍ତ ହେଲେ ।" ଯିଏ ଶତୃମାନଙ୍କୁ ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ପୁରସ୍କାର ଓ ଅନୁଗ୍ରହ ପାଇବ । ସେ ଆପଣା ଶତ୍ରୁମାନଙ୍କୁ ମଧ କ୍ଷମା ପ୍ରଦାନ କରିଥିଲେ । ସେ ଆପଣା ପଛରେ ଆସୁଥିବା ଲୋକମାନଙ୍କ ପ୍ରତି ଦୟାରେ ବିଗଳିତ ହେଉଥିଲେ । ତାଙ୍କର ପ୍ରଥମ ବାର୍ତ୍ତା ଥିଲା ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ଯେହେତୁ କେତେକ ଲୋକମାନେ ବାହାରେ ଲୋକଙ୍କ ଦୃଷ୍ଟିରେ ଧାର୍ମିକ ଦେଖାଯାଉଥିଲେ କିନ୍ତୁ ଭିତରେ କପଟ ଓ ଅଧର୍ମରେ ପରିପୂର୍ଣ୍ଣ ଥିଲେ; ପୁଣି ଅନ୍ୟ କେତେକ ଲୋକମାନେ ଅନୀତି, ଅନ୍ୟାୟ ଓ ମନ୍ଦ ବିଷୟରେ ଲିପ୍ତ ଥିଲେ । ବିଶେଷତଃ ତାଙ୍କର ଶିକ୍ଷାରେ ସେ ନ୍ୟାୟବିଚାର, ଦୟା ଭଲ ପାଇବା, ଈଶ୍ୱରଙ୍କ ବିଶ୍ୱାସକୁ ପରିତ୍ୟାଗ ନ କରି ଈଶ୍ୱରଙ୍କ ପ୍ରେମକୁ ଅବହେଳା ନ କରି ତାହାଙ୍କ ଇଚ୍ଛା ଲୋଡି ଜୀବନଯାପନ କରିବାକୁ ଗୁରୁତ୍ୱାରୋପ କରୁଥିଲେ । ଈଶ୍ୱରଙ୍କୁ ଭୟ କରିବା ଓ ତାହାଙ୍କ ଆଜ୍ଞାସବୁ ପାଳନ କରିବା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।

ଜାଗମରା, ଭୁବନେଶ୍ୱର -୩୦
ମୋବାଇଲ ନମ୍ବର - ୭୩୮୧୮୧୭୮୧୮

# ମୟୂରଭଞ୍ଜ ପୁସ୍ତକ ମେଳାର ଚତୁର୍ଥ ସାନ୍ଧ୍ୟଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ବାରିପଦା, ୨୪/୧୨ (ନି.ପ୍ର): ବାରିପଦା ଠାରେ ଚଳିତ ୨୦ ଡିସେମ୍ବର ୨୦୨୪ରୁ ଆରମ୍ଭ ହୋଇଥିବା ବହି ମେଳାର ଗତକାଲି ଥିଲା ଚତୁର୍ଥ ଦିବସ। ସନ୍ଧ୍ୟାର ସାରସ୍ୱତ ମଂଚରେ ଅନୁଷ୍ଠାନର କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟ କରିଥିବା ବେଳେ ସଭାରେ ବିଶିଷ୍ଟ ଶିକ୍ଷାବିତ, ପୂର୍ବତନ କଲେଜ ଅଧ୍ୟକ୍ଷ ତଥା ମୟୂରଭଞ୍ଜ ସିନିଅର ସିଟିଜେନ୍ ଫରୋମର ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ଏବଂ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟସେବା ଅଧିକାରୀ ଡ଼ା.ବିଜୟ କୁମାର ଦାସ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ତଥା ସର୍ବକାଳୀନ ସୁଖୀ ମାନବ ଜୀବନରେ ପୁସ୍ତକର ପ୍ରାସଙ୍ଗିକତାକୁ ନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ବର୍ଦ୍ଧିତ ବିଶିଷ୍ଟ ସାହିତ୍ୟିକ କୁଞ୍ଜ ବିହାରୀ ପାଢ଼ୀ ଓ ଯୁବ ଉଦ୍ୟୋଗୀ ଇଂ. ଅରୁଣ ସରକାର ମଧ ଉପସ୍ଥିତ ହୋଇ ପରିବାରର ପିତାମାତାମାନେ ପିଲାଙ୍କୁ ପଠନ ଓ ପୁସ୍ତକ ମନସ୍କ କରିବା ପାଇଁ ଧ୍ୟାନ ଦେବି ଏକାନ୍ତ ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଅଲିଭା କଲଚୁରଲ୍ ଗ୍ରୁପ ଓ ବନରୂପା ନୃତ୍ୟ ପ୍ରତିଷ୍ଠାନ ବାରିପଦାର ଶିଶୁ କଳାକାରମାନେ। ପୁସ୍ତକ ମେଳାର ସଦସ୍ୟ ଡ଼.ସଞ୍ଜୀବ କୁମାର ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନ୍ୟତମ ସକ୍ରିୟ ସଭ୍ୟ ଶିଉଲାଲ ମହାନ୍ତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।

# ଧାନର ମାନ ଖରାପ ଥିଲେ ବି କିଣିବେ ସରକାର: ଫସଲ ନଷ୍ଟ ପାଇଁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର, ୨୪/୧୨ : ଧାନର ମାନ ଖରାପ ଥିଲେ ବି କିଣିବେ ରାଜ୍ୟ ସରକାର। ବର୍ଷା ପାଇଁ କ୍ୱାଲିଟି ଟିକେ କମିଯାଇଥିବାରୁ ଚିନ୍ତାରେ ଅଛନ୍ତି ଚାଷୀ। ହେଲେ ସବୁ କୃଷକଙ୍କ ଧାନ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ। ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି। ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଏ ପର୍ଯ୍ୟନ୍ତ ବିକ୍ରି ହେଲାଣି ସାଢେ ସାତ ଲକ୍ଷ ମେଟ୍ରିକ ଟନ ଧାନ। ଦେଢ ଲକ୍ଷ କୃଷକଙ୍କ ଆକାଉଣ୍ଟଙ୍କୁ ସିଧା ଟଙ୍କା ଯାଇଛି। ୨୧ ଶହ କୋଟି ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବି ଅଭିଯୋଗ ଏପର୍ଯ୍ୟନ୍ତ ଆସିନି ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଧ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ। ନଷ୍ଟ ଧାନ କିପରି ବିକିବୁ ଏବଂ ଏହା ସହ କ୍ଷତିପୂରଣ ଦେବାକୁ ମଧ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ସେ କହିଛନ୍ତି ଯେ ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଚାଷୀଙ୍କ ଭିତରେ ସହାଭାଗିତା ଦରକାର। ଜିଲ୍ଲା ପ୍ରଶାସନ ମଧ ସହାୟତା କରିବ। ଚାଷୀ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ, ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ଆଶ୍ୱାସନା ଦେଇଛନ୍ତି ମନ୍ତ୍ରୀ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରଘୁବର ଦାସଙ୍କ...

ହରି ବାବୁଙ୍କୁ ୨୦୨୧ ଜୁଲାଇ ୬ରେ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ସେ ୧୯୭୨-୭୩ ମସିହାରେ ଷ୍ଟୁଡେଣ୍ଟସ୍ ୟୁନିଅନ୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କଲେଜରେ ସଂପାଦକ ଭାବରେ କାର୍ଯ୍ୟ କରିଥିଲେ। ୧୯୭୪-୭୫ ମସିହାରେ ସେ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଅଧୀନରେ ଲୋକ ସଂଗର ସମିତି ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ଜରୁରୀକାଳୀନ ସମୟରେ ମେଣ୍ଟେନାନ୍ସ ଅଫ୍ ଆଭ୍ୟନ୍ତରୀଣ ସୁରକ୍ଷା ଆଇନ ଅଧୀନରେ ଗିରଫ ହୋଇ ୬ ମାସ କାରାଗାରରେ ରହିଥିଲେ। ସେ ୧୯୭୭ ମସିହାରେ ଜନତା ପାର୍ଟିର ଆନ୍ଧ୍ର ପ୍ରଦେଶ ରାଜ୍ୟର କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ୧୯୭୮ ମସିହାରେ ଜନତା ଯୁବ ମୋର୍ଚ୍ଚାର ଆନ୍ଧ୍ର ପ୍ରଦେଶ ରାଜ୍ୟ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ହରି ବାବୁ ଭାରତୀୟ ଜନତା ପାର୍ଟିର ଆନ୍ଧ୍ରପ୍ରଦେଶ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଥିଲେ। ପୁଣି ୧୯୯୩ରୁ ୨୦୦୩ ମଧ୍ୟରେ ଆନ୍ଧ୍ର ପ୍ରଦେଶର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ୧୯୯୯ରେ କେ ହରି ବାବୁ ବିଶାଖାପାଟନମ୍ ନିର୍ବାଚନମଣ୍ଡଳୀରୁ ବିଧାନସଭାର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ୨୦୦୩ରେ ଆନ୍ଧ୍ରପ୍ରଦେଶ ବିଜେପିର ବିଧାନସଭାର ନେତା ଭାବେ ଦଳ ତାଙ୍କୁ ଦାୟିତ୍ୱ ଦେଇଥିଲା। ୨୦୧୪ ମାର୍ଚ୍ଚରେ ସେ ବିଜେପିର ରାଜ୍ୟ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ।

## ଆହୁରି ୪୮ ଘଣ୍ଟା ...

ନୟାଗଡ, କନ୍ଧମାଳ, ଗଞ୍ଜାମ ନବରଙ୍ଗପୁର ଜିଲ୍ଲାର କିଛି ଅଞ୍ଚଳରେ ହାଲୁକା ବର୍ଷା ହୋଇଛି। ଆସନ୍ତାକାଲି ପାଇଁ ବି ଦକ୍ଷିଣ ଓଡିଶା ସମେତ ଉପକୂଳର କିଛି ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ। ୨୬ ପରଠୁ ପାଗ ଶୁଖିଲା ରହିବ। ୪୮ ଘଣ୍ଟା ପରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ଯାଏଁ ଖସିପାରେ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି।

## ୩୫୦ ଫୁଟ ତଳକୁ ...

ଆଜି ନିଲମ ହେଡକ୍ୱାର୍ଟର୍ସରୁ ବାଲନୋଇ ଘୋରା ପୋଷ୍ଟକୁ ଫେରୁଥିଲେ। ନିଜର ଗନ୍ତବ୍ୟ ସ୍ଥଳରୁ ସେନା ଗାଡ଼ିଟି ମାତ୍ର କିଛି ଦୂରରେ ରହିଥିଲା। ଏତିକି ବେଳେ ଅଣ ଓସାରିଆ ରାସ୍ତାରେ ଏହା ଭାରସାମ୍ୟ ହରାଇଥିଲା। ଫଳରେ ଗାଡ଼ିଟି ସିଧା ସଡ଼କ ପଥରୁ ୩୫୦ ଫୁଟ ତଳେ ଥିବା ଖାଇକୁ ଖସି ପଡ଼ିଥିଲା। ଖବର ପାଇ ୧୧ ଏମଏଲଆଇର କ୍ୱିକ ରିଆକ୍ସନ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲା। ସେହିଠାରେ ହିଁ ଆହତ ଯବାନମାନଙ୍କୁ ପ୍ରଥମେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହାପରେ ସେମାନଙ୍କୁ ଉଦ୍ଧାର କରି ଅଧିକ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଛି। ଗତ ମାସରେ ମଧ ଜମ୍ମୁ-କଶ୍ମୀରର ରଜୌରୀ ଜିଲ୍ଲାରେ ଗୋଟିଏ ସେନା ଗାଡ଼ି ଭାରସାମ୍ୟ ହରାଇ ଖାଇରେ ଖସି ପଡ଼ିଥିଲା। ଏଥିରେ ଜଣେ ସେନା ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା।

## ପୂର୍ବତନ ଗୃହ...

ଏହବାଦ କେରଳ ଓ ବିହାର ରାଜ୍ୟପାଳଙ୍କୁ ଅଦଳବଦଳ କରାଯାଇଛି। କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ବିହାରକୁ ବଦଳି କରାଯାଇଥିବା ବେଳେ ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ କେରଳର ରାଜ୍ୟପାଳ କରାଯାଇଛି। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ହେବେ ଡଃ ହରିବାବୁ କମ୍ଭାମପତି। ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟରତ ଡଃ କମ୍ଭାମପତିଙ୍କୁ ଆଜି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ମିଳିଛି।

# ବେତନଟୀ ପ୍ରିମିୟର ଲିଗ୍ ସପ୍ତମ ଦିନରେ : ବାହାନଡା ଟାଇଗର ଓ ମା' ଦୁର୍ଗା ଫାଇଟର ବିଜୟ




ବେତନଟୀ, ୨୪/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ସପ୍ତମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ବାହାନଡା ଟାଇଗର ଓ ମାଣତ୍ରୀ ଟାଇଟନ୍ସ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୧୧ ଷ୍ଟାର ମୋରଡା ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ବାହାନଡା ଟାଇଗର ୨୦ ଓଭରରେ ୯ ଓ୍ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ମାଣତ୍ରୀ ଟାଇଟନ୍ସ ୧୯.୫ ଓଭରେ ରେ ସମସ୍ତ ଓ୍ୱିକେଟ ହରାଇ ୧୫୫ ରନ କରି ୧ ରନ ରେ ପରାଜୟ ବରଣ କରିଥିଲା। ବାହାନଡା ଟାଇଗର ର ଖେଳାଳି ଚିନ୍ମୟ ପଣ୍ଡିତ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ୧୧ ଷ୍ଟାର ମୋରଡା ନିର୍ଦ୍ଧାରିତ ୧୮.୧ ଓଭର ରେ ସମସ୍ତ ଓ୍ୱିକେଟ ହରାଇ ୧୩୬ ରନ ସଂଗ୍ରହ କରଥିଲା। ଜବାବରେ ମା ଦୁର୍ଗା ଫାଇଟର ୧୯.୧ ଓଭରରେ ୯ ଓ୍ୱିକେଟ ହରାଇ ୧୩୭ ରନ କରି ବିଜୟ ଲାଭ କରିଥିଲା । ଏଥିରେ ମା ଦୁର୍ଗା ଫାଇଟର ର ଖେଳାଳି ସଞ୍ଜୟ କୁମାର ପରିଛା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଯୁବ ବ୍ୟବସାୟୀ ରିଙ୍କୁ ସାହୁ ଓ ବରିଷ୍ଠ ଖେଳାଳି ପ୍ରକାଶ ଜ୍ୟୋତି ଆଦିତ୍ୟ ପୁରସ୍କୃତ କରିଥିଲେ। ଏହି ଖେଳକୁ ଅନୁପ ଦଣ୍ଡପାଟ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ସାଇ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ବାସୁଦେବପୁର, ୨୪/୧୨ (ନି.ପ୍ର): ବାସୁଦେବପୁର ସାଇ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ନରସିଂହପୁର ବାସନ୍ତୀ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସ୍କୁଲର ପ୍ରତିଷ୍ଠାତା ମୁରଲୀ ଧର ପାଣିଗ୍ରାହୀ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ସୁଜାତା ପାଣିଗ୍ରାହୀ, ଅଧ୍ୟକ୍ଷ ତପନ କୁମାର ପାଢ଼ୀ ଓ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଷେଣ୍ଡେ । ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କୁ ଖେଳର ଉପକାରିତା ସମ୍ପର୍କରେ ବୁଝାଇବା ସହିତ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ କୃପାସିନ୍ଧୁ ମହାନ୍ତି ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଏହି ଖେଳର ଉଦଯାପନ କାର୍ଯ୍ୟକ୍ରମ ରେ ଶେଷ ସ୍ୱର୍ଶ ଦେଇଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବରେ ସହଯୋଗ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କର ବିଭିନ୍ନ ପ୍ରକାର ଖେଳ ଖୁବ୍ ଚିତ୍ତା କର୍ଷକ ଥିଲା । ଏହି ଖେଳରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ର ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ।

# ପାରାଦ୍ୱୀପ ପୋର୍ଟ ଡିଏଭିରେ ବାର୍ଷିକ ପ୍ରଦର୍ଶନୀ ମେଳା ଓ ରକ୍ତଦାନ ଶିବିର



ପାରାଦୀପ, ୨୪/୧୨ : ପାରାଦୀପ ପୋର୍ଟ ଡିଏଭି ସ୍କୁଲ୍ ରେ ପ୍ରଦର୍ଶନୀ ମେଳା (ଜ୍ଞାନସ୍ରୋତ) ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରଦର୍ଶନୀ ମେଳାକୁ କଟକ ସେଣ୍ଟ୍ରାଲ ରେଡକ୍ରସ ର ମେଡିକାଲ ଅଫିସର ଡଃ କିଶୋର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ଇଫକୋ ଡିଏଭି ସ୍କୁଲ ର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନାରା ଓ ପିପିଏଲ ଡିଏଭି ସ୍କୁଲ ର ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପିଲାମାନଙ୍କୁ ଅନେକ ପ୍ରେରଣାଦାୟୀ ଶବ୍ଦ ପ୍ରଦାନ କରିଥିଲେ।ସ୍କୁଲ ର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ଆୟୋଜିତ ମେଳାକୁ ଆଗେଇ ନେବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀ ମେଳାରେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସାହିତ୍ୟ, ହିନ୍ଦୀ, ସଂସ୍କୃତ, କମ୍ପ୍ୟୁଟର, କ୍ରୀଡ଼ା, କଳା, ସଙ୍ଗୀତ ଆଦି ବିଭିନ୍ନ ବିଭାଗରୁ ପ୍ରାୟ ୨୫୦ ରୁ ଅଧିକ ପ୍ରକଳ୍ପ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିଲେ। ଛାତ୍ରଛାତ୍ରୀମାନେ ସୁନ୍ଦର ଓ ସାବଲୀଳ ଢଙ୍ଗରେ ନିଜ ନିଜର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ବିଭିନ୍ନ ଶିକ୍ଷଣୀୟ ଏବଂ ଭବିଷ୍ୟତପୋଯୋଗୀ ପ୍ରକଳ୍ପମାନ ପ୍ରସ୍ତୁତ କରିଥିଲେ।ଏଥି ସହିତ ସ୍କୁଲ ରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ରକ୍ତ ଦାନ ଶିବିରରେ ବହୁ ସଂଖ୍ୟକ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ।ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ ବ୍ୟାଙ୍କ, କଟକ ର କର୍ମକର୍ତ୍ତାମାନେ ଏହି ରକ୍ତଦାନ ଶିବିରକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶେଷରେ ହୃଷିକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଁ ୨ ଥର ଚିଟଫଣ୍ଡ ଠକେଇର ଶିକାର ହୋଇଛି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୪/୧୨ (ନି.ପ୍ର): 'ମୁଁ ଚିଟଫଣ୍ଡ୍ ଠକେଇର ଶିକାର ହୋଇଛି। ଥରେ ନୁହେଁ ଦୁଇ ଦୁଇ ଥର ମୁଁ ଚିଟଫଣ୍ଡ୍ ଠକେଇର ଶିକାର ହୋଇଛି।' ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଜାତୀୟ ଉପଭୋକ୍ତା ଦିବସ କାର୍ଯ୍ୟକ୍ରମରେ ଆଜି ଏକଥା ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଯେଉଁମାନେ ୨୦୧୯ ମସିହାରେ ବିଭିନ୍ନ ସଂସ୍ଥାରେ ପଇସା ରଖିଥିଲେ, ନିଶ୍ଚିତ ଭାବରେ କେହି ନା କେହି ଚିଟଫଣ୍ଡର ଶିକାର ହୋଇଥିବେ। ମୁଁ ମଧ ଚିଟଫଣ୍ଡ ଠକେଇର ଶିକାର ହୋଇଛି। ବିଭିନ୍ନ ଲୋଭ ଦେଖାଇ ଟଙ୍କା ରଖିବାକୁ ରାଜି କରାଉଥିଲେ, ପରେ ଠକାମୀରେ ଶିକାର ହେବାକୁ ପଡୁଥିଲା। ମୁଁ ୨ଟି ସଂସ୍ଥାରେ ଠକାମୀରେ ଶିକାର ହୋଇଛି। ୧୯୯୦ ଓ ୨୦୦୨ ମସିହାରେ ଦୁଇଥର ଠକେଇର ଶିକାର ହୋଇଥିଲି। ଗୋଟିଏ ସରକାରୀ ଓ ଗୋଟିଏ ବେସରକାରୀ ସଂସ୍ଥାରେ ଠକେଇରେ ଶିକାର ହୋଇଥିଲି। ଟଙ୍କା ଯୋଗାଡ଼ କରି ଦେଇଥିଲି, କିନ୍ତୁ ପରେ ସଂସ୍ଥା ହିଁ ଉଭାନ ହୋଇଯାଇଥିଲା। ୧୯୮୬ ଆଇନ ଅନୁସାରେ ଅପିଲ୍ ବି କରିଥିଲି, ମାତ୍ର ଟଙ୍କା ମିଳିଲାନି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଠକ ସଂସ୍ଥାମାନଙ୍କୁ ଉତ୍ତର ଦାୟୀ କରିବା ପାଇଁ ୧୯୮୬ ମସିହାରେ ଯେଉଁ ଆଇନ ତିଆରି ହେଇଥିଲା, ସେ ଆଇନଟି ଯଥେଷ୍ଟ ଉପଯୋଗୀ ହେଲା ନାହିଁ। ଚିଟଫଣ୍ଡ ଠକେଇରେ ଶିକାର ହୋଇଥିବା ଲୋକମାନଙ୍କୁ ସୁରକ୍ଷା ଦେଇପାରିଲା ନାହିଁ। ଯଦି ସୁରକ୍ଷା ଦେଇଥାଆନ୍ତା ଲୋକେମାନେ ଅସୁବିଧାରେ ସମ୍ମୁଖୀନ ହୋଇ ନଥାନ୍ତେ। ୧୯୮୬ ମସିହାରେ ତିଆରି ହୋଇଥିବା ଆଇନରେ ବହୁତ ଗଳା ବାଟ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଳାବାଟକୁ ବନ୍ଦ କରିଦେଲେ। ବିଭିନ୍ନ ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରିବା ପରେ ସଂସଦରେ ନୂଆ 'ଉପଭୋକ୍ତା ଆଇନ ୨୦୧୯' ଆଲୋଚନା ହେଲା। ପରେ ଏହି ଆଇନ ସଂସଦରେ ପାରିତ ହେଲା। ୨୦୨୦ ଜୁଲାଇ ୨୦ ତାରିଖରେ ରାଷ୍ଟ୍ରପତି ଦ୍ୱାରା ସ୍ୱାକ୍ଷରିତ ହେବା ପରେ ବର୍ତ୍ତମାନ ସାରା ଦେଶରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଜାତୀୟ ଉପଭୋକ୍ତା ଦିବସରେ ଓଟିଭିରେ ପ୍ରସାରିତ ହେଉଥିବା ସାଇବର ଠକେଇ ଅପରାଧ କାର୍ଯ୍ୟକ୍ରମର ଉଦାହରଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, 'ଓଟିଭି'ରେ ସାଇବର ଠକେଇ ଅପରାଧ କାର୍ଯ୍ୟକ୍ରମ ସମସ୍ତେ ଦେଖିଥିବେ। ନାଟ୍ୟ ରୂପାନ୍ତର କରି କିପରି ସାଇବର ଠକେଇ ଶିକାର ହେବାର ଦେଖାଉଛନ୍ତି। ଏହା ଦେଖି ସଚେତନ ହେବା ସହ ଆଇନ ଓ ଅଦାଲତରେ ନ୍ୟାୟ ପାଆନ୍ତୁ।

# ଶକୁନ୍ତଳା ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ବସ୍ତା୨୪.୧୨(ନିପ୍ର) ସଦର୍ ବ୍ଲକ ରୂପସା ସ୍ଥିତ ପବ୍ଲିକ୍ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ତଥା ବସ୍ତା ଲାୟନ୍ସ କ୍ଲବର ସଭାପତି ସୁମନ୍ତ କୁମାର ଜେନା,ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ସଞ୍ଜୟ କୁମାର ଗିରି ଯୋଗ ଦେଇ ସେମାନଙ୍କ ବକ୍ତବ୍ୟରେ ସ୍କୁଲର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ସମାଜରେ ଜଣେ ଭଲ ମଣିଷ ହେବାପାଇଁ ଆହ୍ୱାନ ଦେଇଥିଲେ । ସଂସ୍କାର, ଗୁରୁଜନଙ୍କୁ ସମ୍ମାନ, ଅଧ୍ୟବସାୟ, କ୍ରୀଡା, ସମାଜରେ ଅବହେଳିତଙ୍କ ପାଇଁ ଦୟା ଭାବ ପୋଷଣ କରିବାକୁ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବର ପ୍ରାରମ୍ଭରେ ପ୍ରିନ୍ସିପାଲ ସାଲିନି ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥବା ବେଳେ ବିଦ୍ୟାଳୟ ର ଶିକ୍ଷକ ଡମ୍ବରୁଧର ରାଉତ, ଗଣେଶ



ମହାରଣା, ଜଗନ୍ନାଥ ପରିଡ଼ା, ନିବେଦିତା ବେହେରା, ବନିତା ସାହୁ, ଦମୟନ୍ତୀ ପରିଡ଼ା, ମମତା ବେହେରା, ଆଦି ସଭା ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦର ନିଷିଦ୍ଧାଞ୍ଚଳରୁ ଦୁଇ ସନ୍ଦିଗ୍ଧ ପାରା ଉଦ୍ଧାର

■ପିଆଇସିଟି ମଧ୍ୟରେ ଏକ ଜାହାଜ ଉପରେ ବସିଥିଲେ
■ଗୋଡରେ ଲାଗିଛି କିଛି ବୈଦ୍ୟୁତିକ ଯନ୍ତ୍ର
■ତଦନ୍ତ ପାଇଁ କୁଜଙ୍ଗ ବନ ଘଣ୍ଡ ଅଧିକାରୀଙ୍କୁ ହସ୍ତାନ୍ତର

ପାରାଦୀପ, ୨୪/୧୨ : ପାରାଦୀପ ବନ୍ଦର ନିସିଦ୍ଧାଞ୍ଚଳ ମଧ୍ୟରେ ଥିବା ପିଆଇସିଟି ରୁ ଗତକାଲି ସନ୍ଧ୍ୟାରେ ଦୁଇ ସନ୍ଦିଗ୍ଧ ପାରାକୁ ଉଦ୍ଧାର କରାଯାଇଛି । ଦୁଇ ପାରାଙ୍କ ଗୋଡରେ କିଛି ବୈଦ୍ୟୁତିକ ଯନ୍ତ୍ର ଲଗାଯାଇଥିବା ଦେଖିବାକୁ ମିଳିଥିଲା । ଏହି ଦୁଇଟି ପାରା ଆସି ପ୍ରଥମେ ବନ୍ଦର ନିସିଦ୍ଧାଞ୍ଚଳ ମଧ୍ୟରେ ଘୁରି ବୁଲୁଥିବା ର କିଛି ଲୋକ ଦେଖିବାକୁ ପାଇଥିଲେ । କିଛି ସମୟ ବନ୍ଦର ଆକାଶରେ ଘୁରୀ ବୁଲିବା ପରେ ପିଆଇସିଟି (ପାରାଦୀପ ଇଣ୍ଟରନେସନାଲ କାରଗୋ ଟର୍ମିନାଲ) ରେ ଥିବା ଏକା ଜାହାଜ ଉପରେ ବସିଥିଲେ । ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଏନେଇ ପ୍ରଥମେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଆଦର୍ଶ ଥାନା କୁ ଅବଗତ କରାଯାଇଥିଲା । ଥାନା ଅଧିକାରୀ କାବୁଲି ବାରିକ ପହଞ୍ଚି କୁଜଙ୍ଗ ବନ ବିଭାଗକୁ



ଜଣାଇଥିଲେ । କୁଜଙ୍ଗ ବନ ଖଣ୍ଡ କର୍ମଚାରୀ ପହଞ୍ଚି ଦୁଇ ପାରାକୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ ।ଉଦ୍ଧାର ଦୁଇ ପାରାଙ୍କୁ ପଶୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଥିବା ବେଳେ ସେମାନେ ସୁସ୍ଥ ଥିବାଜଣାପଡିଥିଲା । ତେବେ ପାରା ଗୋଡରେ ଲଗାଯାଇଥିବା ଯନ୍ତ୍ର କୁ କଢା ଯାଇ ପରୀକ୍ଷା କରାଯିବ ।ହେଲେ ଏହି ଦୁଇ ସନ୍ଦିଗ୍ଧ ପାରା କେଉଁଠୁ ଓ କେମିତି ଆସିଛନ୍ତି ତାଙ୍କ ଗୋଡରେ ଲଗାଯାଇଥିବା ଜିନିଷ ଟି କଣ ତାକୁ ଅନୁମାନ କରିବା ପୋଲିସ ପକ୍ଷରେ ସମ୍ଭବ ନଥିଲା । କିମ୍ବା ଗୁଇନ୍ଦା ତଥ୍ୟ ସଂଗ୍ରହ କରିବାକୁ କିଏ ଏହାକୁ ପଠାଇ ଥାଇ ପାରେ ବୋଲି ଅନୁମାନ କରାଯାଉଛି ।ଏଭଳି ଅନେକ ଅସମାହିତ ପ୍ରଶ୍ନ ଉଠିଛି । ତେବେ ସବୁକିଛି ତଦନ୍ତ ପରେ ଏହା ଗୁଇନ୍ଦା ପାରା କି ନାହିଁ ତାହା ସ୍ପଷ୍ଟ ହୋଇଯିବ ବୋଲି ଜଣାପଡିଛି । ଏହି ମାମଲା ଜାତୀୟ ସୁରକ୍ଷା ସହିତ ଜଡିତ ଥିବାରୁ ଏହାକୁ ସମ୍ବେଦନଶୀଳ ଘଟଣା ଭାବେ ଗଣା ଯାଉଛି । ଆବଶ୍ୟକ ପଡ଼ିଲେ ଦେଶର ସୁରକ୍ଷା ସହ ଜଡିତ ସମସ୍ତ ବିଭାଗକୁ ଏ ବିଷୟରେ ଅବଗତ କରାଯିବ ବୋଲି ଜଣାପଡିଛି । ସୂଚନା ଥାଉକି ୨୦୨୩ ମାର୍ଚ୍ଚ ମାସରେ ଏଭଳି ଏକ ସନ୍ଦେହୀ ପାରାକୁ ସମୁଦ୍ର ମଧ୍ୟରୁ କିଛି ମତ୍ସଜୀବୀ ମାଛ ଧରିବା ସମୟରେ ଟ୍ରଲର ଉପରେ ବସିଥିବା ଦେଖି ପାରା କୁ ଆଣି ମେରାଇନ ଥାନା ରେ ଦେଇଥିଲେ । ମେରାଇନ ଥାନା ଏହି ପାରା କୁ ନେଇ ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ଫରେନସିକ ଲ୍ୟାବକୁ ପଠାଇ ଥିଲେ ।

# ଏଫଏକ୍ୟୁ ମାନ କମ ଥିଲେ ବି ଧାନ କିଣିବେ ସରକାର: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଏଫଏକ୍ୟୁ ମାନ କମ ଥିଲେ ବି ଧାନ କିଣିବେ ସରକାର । ସବୁ କୃଷକଙ୍କ ଧାନ କିଣା ଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ । ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ । ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯାବ । ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି । ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ । ସେହିପରି ଏପର୍ଯ୍ୟନ୍ତ ବିକ୍ରି ହେଲାଣି ସାଢେ ସାତ ଲକ୍ଷ ମେଟ୍ରିକ ଟନ ଧାନ । ଦେଢ ଲକ୍ଷ କୃଷକଙ୍କ ଆକାଉଂଟକୁ ସିଧା ଟଙ୍କା ଯାଇଛି । ୨୧୦୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବି ଅଭିଯୋଗ ଏ ପର୍ଯ୍ୟନ୍ତ ଆସିନି ବୋଲି ମନ୍ତ୍ରୀ କହିଛନ୍ତି ।

# ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୨୪/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜନସାଧାରଣ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ବିଷୟରେ ବିଶେଷ ଧାନ ଦେବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ବିଧାୟିକା ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ବାବଦରେ ଏହି ବୈଠକରେ ଆଲୋଚନା ହୋଇଥିଲା । ବିଶେଷଜ୍ଞ ଡାକ୍ତର ଅଭାବ, ପ୍ରସବ ଗୃହର ଉନ୍ନତି କରଣ, ସ୍ୱାସ୍ଥ୍ୟ କେନ୍ଦ୍ରକୁ ଥ୍ରୀ ଫେଜ୍ ବିଦ୍ୟୁତ୍ ସଂଯୋଗ କରାଯିବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗୃହକୁ ଭାଙ୍ଗି ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ ସମେତ ମେଡ଼ିକାଲ ଭିତରେ ଓ ବାହାରେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ବାବଦରେ ବୈଠକରେ ଆଲୋଚନା ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ କି ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ବିଶେଷକରି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନଥିବାରୁ ଗର୍ଭବତୀ ମହିଳା ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବିଧାୟିକା ଶ୍ରୀମତୀ ଜେନା ଏହି ସମସ୍ତ ବିଷୟରେ ନିକଟରେ ବିଧାନସଭାର ଶୀତ ଅଧିବେଶନରେ ପ୍ରଶ୍ନ ଉତ୍ଥାପନ କରି ତୁରନ୍ତ ବିଶେଷଜ୍ଞ ଡ଼ାକ୍ତର ନିଯୁକ୍ତି ବାବଦରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବୀ କରିଥିଲେ । ଆଜିର ଏହି ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ପ୍ରିତମ ସାହୁ, ରୋଗୀ କଲ୍ୟାଣ ସମିତି ମେମ୍ବର କସ୍ତୁରୀବାଳା ପାତ୍ର, ନିତ୍ୟାନନ୍ଦ ଜେନା, କମଳ ଲୋଚନ କର, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜାନୁୟାରୀରେ ବିକ୍ରି ହୋଇପାରିବ ପାର୍ଟ ପ୍ଲଟ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଜାନୁଆରିରୁ ବିକ୍ରି ହୋଇ ପାରିବ ପାର୍ଟ ପ୍ଲଟ । ଡିସେମ୍ବର ୩୧ ବୈଠକରେ ସମାଧାନର ବାଟ ବାହାରିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ନୂଆ ବର୍ଷରୁ ଆଉ ରହିବନି ସମସ୍ୟା । ରେରା ଆଇନ ଆବଶ୍ୟକ ପଡିଲେ ସଂଶୋଧନ ହେବ । ପୂର୍ବରୁ ରେରା କମିଟିକୁ ଏନେଇ କୁହାଯାଇଛି । ଆଇନ ଶବ୍ଦ ସଂଯୋଜନାରେ ଅସୁବିଧା ଅଛି । ବେଆଇନ ଭାବେ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇଛି, ୩୧ ଜଣ ଜିଲ୍ଲା ରେଜିଷ୍ଟର, ସବ ରେଜିଷ୍ଟରଙ୍କୁ ତାଲିକା ମଧ ବିଭାଗ ପ୍ରସ୍ତୁତ କରିଛି ।

# ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥିଙ୍କ ଜନ୍ମଦିନ ପାଳିତ

ବାରିପଦା , ୨୪/୧୨ (ନି.ପ୍ର): ଶିରିଡ଼ି ସାଇବାବା ଙ୍କ ପରମ ଭକ୍ତ ଶ୍ରଦ୍ଧେୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଙ୍କ ୭୬ ତମ ଜନ୍ମଦିବସ ପରିପ୍ରେକ୍ଷୀରେ ତା ୨୪/୧୨/୨୦୨୪ ରିଖ ମଙ୍ଗଳବାର ଦିନ ବାରିପଦା ବଡବଜାର ସ୍ଥିତ 'ମୟୁରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ' ଓ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ର କର୍ମକର୍ତ୍ତା ତଥା ଶ୍ରଦ୍ଧାଳୁ ଭକ୍ତ ମାନେ ଯଥାରୀତି ପୂଜାବିଧି ପାଳନ କରିବା ପରେ ମିଷ୍ଟାନ୍ନ ବଣ୍ଟନ ତଥା ଶ୍ରୀଗୁରୁ ଭାଗବତ ସାମୁହିକ ଗାୟନ କରିଥିଲେ ଏବଂ ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ୭୬ ପ୍ରଦୀପ ପ୍ରଜ୍ଜ୍ୱଳନ କରି



ଥିଲେ । ଏଇ ଶୁଭ ଅବସରରେ ରଘୁନାଥପୁର ସ୍ଥିତ 'ରୋଜ୍ ସ୍କୁଲ ଫୋର୍ ମେଣ୍ଟାଲି ଚ୍ୟାଲେଞ୍ଜଡ୍ ' ରେ ଆଶ୍ରୟ ପାଇଥିବା ୧୧୫ ଜଣ ଅଳ୍ପ ବୟସ୍କ ଅନ୍ତେବାସୀ ମାନଙ୍କ ପାଇଁ ଖାଦ୍ୟପେୟ ର ବ୍ୟବସ୍ଥା କରିବା ସହିତ ସେମାନଙ୍କ ପାଇଁ ଦୈନନ୍ଦିନ ଆବଶ୍ୟକତା ଥିବା ଔଷଧୀୟ ଗୁଣଯୁକ୍ତ ସାବୁନ,କଟା ଘା' ଏବଂ କାଛୁକୁଣ୍ଡିଆ ପାଇଁ ମଲମ, କ୍ୟାଣ୍ଡିଡ୍ ପାଉଡର, ଦାନ୍ତଘସା ପେଷ୍ଟ, ଡେଟଲ ,ଫିନାଇଲ୍, ହାରପିକ୍, ପାଇଖାନା ସଫା କରିବା ବ୍ରଶ୍, ସେମ୍ପୁ,ଫୁଟବଲ ଏବଂ ଦୁଇଟା ବଡ଼ ଦରି ତଥା ଦୁଇଟା ବଡ଼ ଟ୍ରଙ୍କ୍ ର ବ୍ୟବସ୍ଥା କରା ଯାଇଥିଲା ।

# ବାଲିମେଦ ସୋସାଇଟିରେ ବାର୍ଷିକ ସାଧାରଣ ସଭା

ବାସୁଦେବପୁର, ୨୪/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ଠାରେ ଥିବା ବାଲିମେଦ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଆୟ ବ୍ୟୟ ର ହିସାବ , ଧାନ ମଣ୍ଡି ଖୋଲିବା ସମୟ ଓ ଚାଷୀ ମାନଙ୍କ ର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବାର୍ଷିକ ସାଧାରଣ ସଭା ରେ ଯୋଗ ଦେଇଥିଲେ ଭଦ୍ରକ ଏ ଆର ସି ଏସ ବାବାଜି ଚରଣ ନାୟକ,ବାସୁଦେବପୁର କୋପ ରେଟିଭ ବ୍ୟାଙ୍କ୍ ର ବ୍ରାଞ୍ଚ ମ୍ୟାନେଜର ମହେନ୍ଦ୍ର ପ୍ରାସାଦ



ନାୟକ, ବାଲେଶ୍ୱର ଭଦ୍ରକ ଜିଲ୍ଲା କେନ୍ଦ୍ରୀୟ କୋପ ରେଟିଭ ବ୍ୟାଙ୍କର ବୋର୍ଡ ନିର୍ଦ୍ଦେଶକ ନିରଞ୍ଜନ ଦାସ, ବାଲିମେଦ ସେବା ସମବାୟ ସମିତିର ସମ୍ପାଦକ ଶ୍ରୀଧର ନାୟକ,ପୂର୍ବତନ ସଭାପତି ଉତ୍ତମ ପାତ୍ର ଓ ପରିଚାଳନା ସଦସ୍ୟ । ଏହି ବୈଠକରେ ବିଭିନ୍ନ ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ ଓ ଚାଷୀ ମାନଙ୍କ ର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଗୁରୁତ୍ୱ ପୂର୍ଣ୍ଣ କଥା ଆଲୋଚନା କରାଯାଇଥିଲା । ଶେଷରେ ସମସ୍ତେ ଅଖଣ୍ଡ ମଣ୍ଡପ ପରିସରରେ ପ୍ରସାଦ ସେବନ କରିଥିଲେ ।

# ଜାତୀୟ ଖାଉଟି ଦିବସ ପାଳିତ




ଭଦ୍ରକ, ୨୪/୧୨ (ନି.ପ୍ର): ଭଦ୍ରକ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଜାତୀୟ ଖାଉଟି ଦିବସ ରାନ୍ଦିଆ ଗ୍ରମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଭଦ୍ରକ ଜିଲ୍ଲା ପରିଷଦର ସଭାପତି ପ୍ରଫୁଲ କୁମାର ଜେନା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ପ୍ରିୟବ୍ରତ ଜେନା ଖାଉଟି କିପରି ବିଜ୍ଞାପନ ମାଧ୍ୟମରେ ପ୍ରଭାବିତ ହୋଇ ଦ୍ରବ୍ୟ ଓ ସେବା କ୍ରୟ କରି ଠକାମିରେ ପଡନ୍ତି ତାଙ୍କ ଭାଷଣରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ୨୦୧୯ ଖାଉଟି ଆଇନର ବ୍ୟାପକତା ଏବଂ ଆଭାସି ମାଧ୍ୟମରେ କୋର୍ଟ ଶୁଣାଣିରେ ଯୋଡ଼ି ହେବା ଆଦି ବିଷୟରେ ଉପରେ ବକ୍ତବ୍ୟ ରଖିଥିଲେ । ଖାଉଟି ସମାଗ୍ରୀ କିଣାବିକା ସମୟରେ ଠକାମି ଯେତେ ଛୋଟ ହେଲେ ବି ପ୍ରତିବାଦ କରିବାର ଅଧିକାର ପ୍ରତ୍ୟେକ ନାଗରିକର ରହିଛି । ପ୍ରତିବାଦ କଲେ ହିଁ ଠକାମି କମିବ ବୋଲି ମୁଖ୍ୟ ଅତିଥି ଶ୍ରୀଜେନା କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଭାରତୀ ରାଉତ ଯୋଗଦେଇ ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ଖାଦ୍ୟ ନିରାପତ୍ତା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଲୋଚନାରେ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ ଭାଗ ନେଇ ଖାଦ୍ୟ ଅପମିଶ୍ରଣ ପାଇଁ ବିଭିନ୍ନ ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ । ଭଦ୍ରକ ବୈଧ ମାପ ବିଜ୍ଞାନ ସହକାରୀ ନିୟନ୍ତ୍ରକ ସୁଦର୍ଶନ ଟୁଡୁ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଓଜନ ମାପ ଯନ୍ତ୍ରରୁ ଠକାମିରୁ ନିରାକରଣର ଦିଗ ବିଷୟରେ ଆଲୋଚନା କରିଥିଲେ । ଉପନିୟନ୍ତ୍ରକ ଶ୍ରୀଯୁକ୍ତ ଜେନା ସଭା ପରିଚାଳନା କରିଥିଲେ ଓ ରାନ୍ଦିଆ ପଞ୍ଚାୟତ ସମିତି ସଭ୍ୟ ଶ୍ରୀଧର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦୁଇବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇ ମୃତ: ନାବାଳକ ପୁଅ ଗୁରୁତର

ନିଳଗିରି, ୨୪/୧୨ (ନି.ପ୍ର): ମଙ୍ଗଳବାର ଦିନ ପ୍ରାୟ୨ଟା ସମୟରେ ଶେରଗଡ଼ - ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥ ସିମୁଳିଆ ଛକ ନିକଟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହୋଇଥିବା ବେଳେ ରେମୁଣା ଥାନା ଅନ୍ତର୍ଗତ ବଢ଼ୁଆ ଗଞ୍ଜ ଗ୍ରାମର ଅକ୍ଷୟ ଜେନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ କାହାଳୀଆ ଗ୍ରାମର ରମେଶ ପାତ୍ରର ପୁଅ ଚନ୍ଦ୍ରଶେଖର ପାତ୍ରର ନିଳଗିରି ମେଡିକାଲରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଦୁର୍ଘଟଣାରେ ବାପାର ମୃତ୍ୟୁଘଟିଥିବା ବେଳେ ବାପା ବାଇକରେ ବସିଥିବା ୧୧ବର୍ଷର ପୁଅ ଗୁରୁତର ଅବସ୍ଥାରେ ପ୍ରଥମେ ନିଳଗିରି ମେଡିକାଲ ପରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ କାହାଳିଆ ଗ୍ରାମର ଚନ୍ଦ୍ରଶେଖର



ପାତ୍ର ପଞ୍ଚଲିଙ୍ଗେଶ୍ୱର କଲେଜରେ ଅଧ୍ୟୟନ କରୁଥିବା ବେଳେ ଥାନା ପଡ଼ିଆରେ କ୍ରିକେଟ ମ୍ୟାଚ୍ ଦେଖି ଘରକୁଖାଇବାକୁ ଯାଇ ଫେରୁଥିବା ବେଳେ ଗଂଜ ଗ୍ରାମର ଅକ୍ଷୟ କୁମାର ଜେନା ନିଜ ୧୧ବର୍ଷର ପୁଅକୁ ବସାଇ ଘରକୁ ଫେରୁଥିବା ବେଳେ ସିମୁଳିଆ ଛକ ନିକଟରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ଯୋଗୁଁ ଘଟଣାସ୍ଥଳରେ ବାପା ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା । କିନ୍ତୁ ତାଙ୍କ ପୁଅ ଗୁରୁତର ଅବସ୍ଥାରେ ପ୍ରଥମେ ନିଳଗିରି ମେଡିକାଲ ପରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ନିଳଗିରି ଥାନାର ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ନିଳଗିରି ମେଡିକାଲ ପଠାଇ ଦୁଇ ବାଇକକୁ ଥାନାକୁ ଆଣିଥିଲେ । ଉକ୍ତ ଘଟଣା ଶୁଣିବା ପରେ ମେଡିକାଲ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା । ନାବାଳକ ପୁଅ ଆଗରେ ବାପାର ମୃତ୍ୟୁ ଘଟିଥିଲା ବେଳେ ପୁଅ ଏବେ ଜୀବନ ସହିତ ମେଡିକାଲରେ ସଂଗ୍ରାମ କରୁଛି । ଉକ୍ତ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳେଇ ଦେଇଛି । ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବାଇକ୍ ଦୁଇଟିର ନଂ ହେଲା ଓଡି୦୧ୱାଇ-୫୩୯୫ ଏବଂ ଓ ଆର୦୧ଏମ-୯୨୧୯ ବୋଲି ଜଣାପଡିଛି ।

# ରାସ୍ତାରୁ ହଟିବେ ଉଠାଦୋକାନୀ: ସ୍ଥାୟୀ ଭେଣ୍ଡିଂ ଜୋନ ଦିଆଯିବ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ୫୫ ରାସ୍ତାରୁ ସ୍ଥାୟୀ ଭାବେ ହଟିବେ ଉଠାଦୋକାନି । ଏଣିକି ରାସ୍ତା କଡ଼ରେ ବସିବେନି ଉଠା ଦୋକାନୀ । ସମୂହ ସଫେଇ କାର୍ଯ୍ୟକ୍ରମ ସମୟରେ ରାସ୍ତା କଡ଼ରେ ମନ ଇଚ୍ଛା ଦୋକାନ କରିଥିବା ଦେଖି ରାଗିଯାଇଛନ୍ତି ମେୟର ସୁଲୋଚନା ଦାସ । ରାସ୍ତା କଡ଼ରେ ବାରମ୍ବାର ତାଗିଦ ପରେ ବି କାହିଁକି ରେଜିଷ୍ଟ୍ରେସନ୍ କରିନଥିବା ଦୋକାନୀ ଦୋକାନ ପକାଇଛନ୍ତି ବୋଲି ନାଲି ଆଖି ଦେଖାଇଛନ୍ତି ମେୟର । ସିଆରପି ଛକରେ ସମୂହ ସଫେଇ କାର୍ଯ୍ୟକ୍ରମ ସମୟର ରାସ୍ତା କଡ଼ରେ ଥିବା ଉଠା ଦୋକାନୀଙ୍କୁ ବିଭିନ୍ନ ଦୋକାନୀଙ୍କୁ ପଚାରି ବୁଝିଥିଲେ । ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ସଜେଇ ହେଉଛି ରାଜଧାନୀ ।

# ବିଧବାଙ୍କୁ ଆଡ଼ଆଖି: ସାମାଜିକ ସୁରକ୍ଷାରୁ ବଂଚିତ ଦୁଲାରି ଓ ଚିତା

ଉଦଳା , ୨୪/୧୨ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ଜୟନ୍ତିପଟା ସାମିଲ ଜାମଡ଼ିହା ପଂଚାୟତ ଅନ୍ତର୍ଗତ ପେଟାଶାଳ ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ବଡ଼ଅନ୍ତା ମୁର୍ମୁଙ୍କ ସହଧର୍ମିଣୀ ଦୁଲାରି ଓ ସ୍ୱର୍ଗତଃ ଗହ୍ମା ମୁର୍ମୁଙ୍କ ସହଧର୍ମିଣୀ ଚିତା ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଯାଇଛି । ବଡ଼ଅନ୍ତାଙ୍କର ଆଜକୁ ୩ ବର୍ଷ ପୁର୍ବେ ଦେହାନ୍ତ ହୋଇଥିବା ବେଳେ ଗହ୍ମାଙ୍କର ଏକବର୍ଷ ପୁର୍ବେ ଦେହାନ୍ତ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ଠାରୁ ଆରମ୍ଭ କରି ଆଧାରକାର୍ଡ଼ ଓ ଭୋଟ ପରିଚୟପତ୍ର ସବୁକିଛି ଉଭୟ ମହିଳାଙ୍କ ପାଖରେ ଠିକ୍ ଠାକ୍ ଥିବା ବେଳେ ସାମାଜିକ ସୁରକ୍ଷାରୁ ଏ ଦୁହେଁ କାହିଁକି ବଂଚିତ ଅଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି । ଏ ବାବଦରେ ବାରମ୍ବାର ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କଥା ସେମାନେ କହିଛନ୍ତି । ଦିନ ମଜୁରିଆ ଭାବରେ କାମ କରି ଏ ଦୁହେଁ ବର୍ତ୍ତମାନ ନିଜର ଦୈନନ୍ଦିନର ଗୁଜୁରାଣ ମେଟାଇବାକୁ ବାଧ ହୋଇଛନ୍ତି । ଉକ୍ତ ଦୁଇ ବିଧବା ମହିଳାଙ୍କୁ ତୁରନ୍ତ ଭତା ଯୋଗାଇ ଦେବା ପାଇଁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ବୋଲଗଡ଼ ବ୍ଲକ୍‌ର ସାଗରଗାଁ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୨୩/୧୨ (ନି.ପ୍ର): ବୋଲଗଡ଼ ବ୍ଲକ ଅନ୍ତର୍ଗତ, ସାଗର ଗାଁ ପଞ୍ଚାୟତରେ ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ଅଧକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ମୋଟ ୨୨୯ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୬ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୧୪ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ୩ ଜଣ ହିତାଧିକାରୀଙ୍କୁ ଯଥା କ୍ରମେ ୧୫,୦୦୦/- ,୧୦,୦୦୦/- ଏବଂ ୫୦୦୦/-ଟଙ୍କା ଲେଖାଏ ମୂଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ଆର୍ଥିକ ସହାୟତା ରାଶି ଏବଂ ୨ ଜଣଙ୍କୁ ୧୫,୦୦୦/- ୩୦୦୦/- ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠି ରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଆଜିର ମିଳିତ ଜନଶୁଣାଣି ଅବସରରେ ଆରକ୍ଷୀ ଅଧିକ୍ଷକ, ସାଗରିକା ନାଥ/ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ,ପ୍ରତାପ ଚନ୍ଦ୍ର ବେଉରା/ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ/ ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନସେଠୀ , ସି ଡ଼ି ଏମ୍‌ଓ, / ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର/ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida